## ଅପହୃତା ନାବାଳିକା ଉଦ୍ଧାର: ଅଭିଯୁକ୍ତ ଗିରଫ

କୁଜଙ୍ଗ,(ଡି.ଏନ୍.ଏ.): କୁଜଙ୍ଗ ଥାନା ଅଞ୍ଚଳର ଜଣେ ନବମ ଶ୍ରେଣୀର ନାବାଳିକା ଛାତ୍ରୀଙ୍କୁ ସେପ୍ଟେମ୍ବର ୨୮ ସନ୍ଧ୍ୟାରେ ଅପହରଣ କରାଯାଇଥିବା ନେଇ ପୋଲିସରେ ଅଭିଯୋଗ ହୋଇଥିଲା। ତାଙ୍କ ବାପାଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୩୪୦/୨୧) ରୁଜୁ କରାଯାଇଥିଲା। ଅଭିଯୁକ୍ତ ହେଲେ ଉକ୍ତ ଅଞ୍ଚଳର ତାରାକାନ୍ତ ସ୍ୱାଇଁ ଓରଫ ଲୋଟନ(୨୪)। ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଲୋକେ ସମ୍ପୃକ୍ତ ନାବାଳିକା ଓ ତାରାକାନ୍ତଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। କୁଜଙ୍ଗ ଥାନା ପକ୍ଷରୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏଥିସହ ସମ୍ପୃକ୍ତ ନାବାଳିକା ଓ ତାରକାନ୍ତଙ୍କ ଡାକ୍ତରୀମାଇନା କରାଯାଇଛି ବୋଲି ଥାନା ଅଧିକାରୀ ସର୍ବେଶ୍ୱର ବେହେରା କହିଛନ୍ତି।



## ସଂକ୍ଷେପରେ

### ମା'ସିଦ୍ଧିଦାତ୍ରୀଙ୍କ ବୈଷ୍ଣବୀ ବେଶ



ନାଉଗାଁ,୨୧୦(ସ୍ୱ.ପ୍ର): ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସରାଧୋସ୍ଥିତ ମା' ସିଦ୍ଧିଦାତ୍ରି ସର୍ବମଙ୍ଗଳା ପୀଠରେ ଶନିବାର ଶାରଦୀୟ ପାର୍ବଣର ଷୋଡଶ ପୂଜାର ୪ର୍ଥ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା'ଙ୍କୁ ବୈଷ୍ଣବୀ ବେଶରେ ସୁସଜ୍ଜିତ କରାଯାଇଛି। ଆଶ୍ରମ ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପୂଜା କରାଯାଉଛି।

### ମଧ୍ୟପ୍ରଦେଶରେ ଦାଦନ ଶ୍ରମିକ ମୃତ

ରାଜନଗର,୨୧୦(ଡି.ଏନ.ଏ.): ମଧ୍ୟପ୍ରଦେଶରେ ଦାଦନ ଖଟୁଥିବା ରାଜନଗର ବ୍ଲକ ଚମ୍ପାଦିଆ ଗାଁର ପ୍ରମୋଦ ବେହେରାଙ୍କ ଶନିବାର ସେଠାରେ ମୃତ୍ୟୁ ଘଟିଛି। ତାଙ୍କୁ ୫୨ ବର୍ଷ ହୋଇଥିଲା। ଗାଁରେ ତାଙ୍କର କୌଣସି ଜମିବାଡ଼ି ନ ଥିବାରୁ ସେ ୧୫ ବର୍ଷ ହେବ ମଧ୍ୟପ୍ରଦେଶରେ ଦାଦନ ଖଟୁଥିଲେ। ତାଙ୍କ ପୁଅ, ଝିଅ ଓ ସ୍ତ୍ରୀ ବି ମଧ୍ୟପ୍ରଦେଶରେ ରହୁଥିଲେ। ତାଙ୍କର ମୃତ୍ୟୁ ଘଟିଛି ଖବର ଜଣାପଡିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### କୁମ୍ଭୀର ଆକ୍ରମଣରେ ବୃଦ୍ଧ ଗୁରୁତର

ମହାକାଳପଡ଼ା,୨୧୦(ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ନଦୀ ନାଳ ଘେରା ଉପାନ୍ତ ଅଞ୍ଚଳରେ କୁମ୍ଭୀରମାନଙ୍କ ଉପଦ୍ରବ ବଢୁଛି। ବତୀଘରରୁ ବଡ଼ପାଲ ଓ ତନ୍ତିଆପାଳରୁ ଓରତ ନଦୀ ନାଳଗୁଡିକରେ ଏବେ ଲୋକମାନେ ଯିବାକୁ ଡରୁଛନ୍ତି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ କଂଶାର ବଡ ଦାଣ୍ଡୁଆ ପଞ୍ଚାୟତର ବଡପାଲ ଗ୍ରାମର ଭଗ୍ୟଧର ଜେନା (୬୦) ଘର ନିକଟ ଗଳିଆ ନଦୀକୁ ଯାଇଥିବା ବେଳେ ହଠାତ୍ ଏକ ବଉଳା କୁମ୍ଭୀର ଆକ୍ରମଣର ଶିକାର ହୋଇଥିଲେ। ଭାଗ୍ୟଧରଙ୍କ ଗୋଡ଼, ହାତ, ଜଙ୍ଘରେ କ୍ଷତ ସୃଷ୍ଟି ହୋଇଛି। ଖବର ପାଇ ଜମ୍ବୁ ବନବିଭାଗ କର୍ମଚାରୀମାନେ ପହଞ୍ଚି ଭାଗ୍ୟଧରଙ୍କୁ କେନ୍ଦ୍ରାପଡ଼ା ମେଡ଼ିକାଲରେ ଭର୍ତ୍ତି କରିଛନ୍ତି ବୋଲି ସ୍ଥାନୀୟ ସରପଞ୍ଚ ଲୋଭାବତୀ ରାଉତ କହିଛନ୍ତି।

### ସାଗରଙ୍କ ସହଯୋଗୀ ପପୁ କୋର୍ଟ ଚାଲାଣ

ବାଲିକୁଦା,୨୧୦(ସ୍ୱ.ପ୍ର.): ଏକାଧିକ ଆପରାଧିକ ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ସାଗର ମଲ୍ଲିକଙ୍କ ସହଯୋଗୀ ବିଶ୍ୱଜିତ୍ ପରିଡା ଓରଫ ପପୁଙ୍କୁ ଶୁକ୍ରବାର ବାଲିକୁଦା ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ପପୁଙ୍କ ଘର ଏରସମା ଥାନା ଅଞ୍ଚଳରେ। ଗୁରୁବାର ବାଲିକୁଦା ବ୍ଲକ ବୋରିକିନା ବଜାରସ୍ଥିତ ଫ୍ରେଣ୍ଡସ ଔଷଧ ଦୋକାନରୁ ସାଗର ଓ ପପୁ ୧୦ଟି ନାଇଟ୍ରୋଜେନ ବଟିକା ମାଗିବା ସହ ଟଙ୍କା ବାକ୍ସରୁ ୪୬ ୦୦ ଟଙ୍କା ନେଇ ଯାଇଥିଲେ। ଏଥିସହ ଥାନାରେ ଅଭିଯୋଗ କଲେ ହତ୍ୟା କରାଯିବ ବୋଲି ଦୋକାନ ମାଲିକଙ୍କୁ ଧମକ ଦେଇଥିଲେ। ଧମକ ସତ୍ତ୍ୱେ ଘଟଣା ସମ୍ପର୍କରେ ଦୋକାନ ମାଲିକ ଥାନାରେ ଅଭିଯୋଗ କରିଥିଲେ। ଏହାପରଠୁ ବିଶ୍ୱଜିତ୍ ଓ ସାଗର ଫେରାର ଆଠଦିନ ତଳେ ସାଗର ଜେଲରୁ ମୁକୁଳି ଥିଲେ।

### ଚକ୍ଷୁ ଚିକିତ୍ସା ଶିବିର

ରାଜନଗର,୨୧୦(ଡି.ଏନ.ଏ.): ରାଜନଗର ବ୍ଲକ ବଗପାଟିଆ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଆସୁଛି ମୋ କାଳିଆ ସୁନା ଗ୍ରୁପ ଅଫ୍ ଓଡ଼ିଶା ପକ୍ଷରୁ ଏହି ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ୬୫ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ୨୩ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ କରାଯାଇଥିଲା। ଭୂମିକା ଚକ୍ଷୁ ହସ୍ପିଟାଲର ଡାକ୍ତରମାନେ ଚକ୍ଷୁ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ରାଜନଗର ଆଇଆଇସି ତପନ କୁମାର ନାୟକ, ଗୋବର୍ଦ୍ଧନ ପ୍ରଧାନ, ଜଗନ୍ନାଥ ଦାସ, ସଂଗ୍ରାମ ସାହାଣୀ, ମଧୁସୂଦନ ମୁଦୁଲି, ରାକେଶ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ମାନ୍ୟତା ନ ମିଳିଲେ ଆନ୍ଦୋଳନ

## ରାଜନଗର-ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ବୈଠକ

ରାଜନଗର,୨୧୦(ଡି.ଏନ.ଏ.)



ବୈଠକରେ ଯୋଗଦେଇଥିବା ଅତିଥିମାନେ।

ରାଜନଗରକୁ ଏନଏସି ମାନ୍ୟତା ଦେବା ନିମନ୍ତେ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି। ଶନିବାର ରାଜନଗର ବ୍ଲକର କେରେଡ଼ାଗଡ଼ସ୍ଥିତ ଶ୍ରୀମଦ୍ ବାୟାବାବାଙ୍କ ଆଶ୍ରମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିକାଶ ପରିଷଦର ସଂଯୋଜକ କୈଳାସ ଚନ୍ଦ୍ର ମହାନ୍ତି ପୌରୋହିତ୍ୟ କରିଥିଲେ। ବିକାଶ ପରିଷଦର ପ୍ରତିଷ୍ଠାତା ବିଜୟ କେତନ ସ୍ୱାଇଁ ଯୋଗଦେଇ ପଟ୍ଟାମୁଣ୍ଡାଇ-ରାଜନଗର ଅଞ୍ଚଳର ବିକାଶ ମୂଳକ କାର୍ଯ୍ୟରେ ପ୍ରଶାସନିକ ଓ ସରକାରୀ ଅବହେଳା ଦାୟୀ ବୋଲି କହିଥିଲେ। ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନର ମାନ୍ୟତା ଓ ରାଜନଗରକୁ ଏନଏସି ମାନ୍ୟତା ପାଇଁ ବିକାଶ ପରିଷଦ ଆନ୍ଦୋଳନ ଜାରି ରଖିବ ବୋଲି ମତ ବ୍ୟକ୍ତ କରିଥିଲେ। ଏଥିସହ ଖରସ୍ରୋତାରେ ପାନୀୟ ଜଳ ପ୍ରକଳ୍ପ ହେଲେ ଭିତରକନିକାର ଜୈବ ବିବିଧତା ନଷ୍ଟ ହେବ। ଏଥିପ୍ରତି ଦୃଢ ପଦକ୍ଷେପ ଜରୁରୀ। ରାଜନଗର ପଟ୍ଟାମୁଣ୍ଡାଇ ଅଞ୍ଚଳରେ କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ଜଳସେଚନ ଓ ଜଳ ନିଷ୍କାସନ ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ଆର୍ଥିକ ବିକାଶ ନିମନ୍ତେ ପେଣ୍ଠ ବେଳାଭୂମିର ବିକାଶ କରାଯାଇ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଯାଉ। କେବଳ ରାଜ୍ୟ ନୁହେଁ, ସାରା ଦେଶରେ ନାମାଚାର୍ଯ୍ୟ ବାୟାବାବାଙ୍କ ଅନୁଗାମୀ ଅଛନ୍ତି। ମାତ୍ର ତାଙ୍କ ଜନ୍ମପୀଠ କେରେଡାଗଡ଼ରେ ଥିବା କଳ୍ପତରୁ ସେବାଶ୍ରମ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଅବହେଳିତ ଓ ଅଲୋଡ଼ା ହୋଇ ପଡ଼ି ରହିଛି। ଯେଉଁ ପରିମାଣରେ ଜନ୍ମପୀଠ ପ୍ରସିଦ୍ଧି ଲାଭ କରିବା କଥା, ତାହା ହୋଇପାରିନାହିଁ। ନାମାଚାର୍ଯ୍ୟ ବାୟାବାବାଙ୍କ ଜନ୍ମପୀଠର ବିକାଶ ସହିତ ଏହାକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦିଆଯାଉ ବୋଲି ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି।

ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଦାସ, ପଟ୍ଟାମୁଣ୍ଡାଇ ବ୍ଲକ ସଭାପତି ଦେବବ୍ରତ ସ୍ୱାଇଁ, ପଟ୍ଟାମୁଣ୍ଡାଇ ନଗର ସଭାପତି ପ୍ରମୋଦ କୁମାର ସାହୁ, ରଘୁନାଥ ଦାସ, ପ୍ରମୋଦ କୁମାର ରଥ, କଳାକାର ପ୍ରଧାନ, ଅମର କୁମାର ରାଉତ, ରାମଚନ୍ଦ୍ର ରାଉତ, ବଳରାମ ରାଉତ, ବିଦ୍ୟାଧର ଦାସ, ରେବତୀ ରମଣ ବଳ, ନଗେନ୍ଦ୍ର ପାତ୍ର, ରୋଜିତା ଦାସ, ରବିନ୍ଦ୍ର ଦାସ, କପିଳ ଦାସ, ପବିତ୍ର କୁମାର ସାହୁ ପ୍ରମୁଖ ବୈଠକରେ ଯୋଗଦେଇ ରାଜନଗର ଓ ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ରାଜନଗର ବ୍ଲକ ନିମନ୍ତେ ବିକାଶ ପରିଷଦର କର୍ମକର୍ତ୍ତା ଚୟନ କରାଯାଇଥିଲା। ପ୍ରମୋଦ କୁମାର ରଥ ସଭାପତି, ଅମର କୁମାର ରାଉତ, କୈଳାସ ଚନ୍ଦ୍ର ସାହୁ, ନବଘନ ମହାନ୍ତି, ବିଶ୍ୱନାଥ ବାରିକ, ବଳରାମ ରାଉତ ଉପସଭାପତି, ରବିନ୍ଦ୍ର କୁମାର ଦାସ, କଳାକାର ପ୍ରଧାନ, ଜଗନ୍ନାଥ ରାଉତ, ନଗେନ୍ଦ୍ର ପାତ୍ର, ରୋଜିତା ଦାସ ସମ୍ପାଦିକା, ପବିତ୍ର କୁମାର ସାହୁ ଅଫିସ ସମ୍ପାଦକ, ପ୍ରଦୀପ କୁମାର ମହାନ୍ତି କୋଷାଧ୍ୟକ୍ଷ, କୈଳାସ ଚନ୍ଦ୍ର ମହାନ୍ତି, ରଘୁନାଥ ଦାସଙ୍କୁ ସଂଯୋଜକ ଭାବେ ମନୋନୀତ କରାଯାଇଛି।

# ଘର ଆଗରେ ପରିସ୍ରାରୁ ଗୋଷ୍ଠୀ ସଂଘର୍ଷ: ୬ ଗିରଫ

ବାଲିକୁଦା,୨୧୦(ସ୍ୱ.ପ୍ର.)

ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅନ୍ତର୍ଗତ ଭୁଆଶୁଣି ଗ୍ରାମରେ ଘର ସମ୍ମୁଖରେ ପରିସ୍ରା କରିବାକୁ ନେଇ ଗତ ୨୬ ତାରିଖରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏହି ଘଟଣାରେ ପୋଲିସ ଶନିବାର ଉଭୟ ପକ୍ଷରୁ ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମଙ୍ଗଳା ବିଶ୍ୱାଳ, ଚଞ୍ଚଳା ବିଶ୍ୱାଳ, ଚପଳା ବିଶ୍ୱାଳ, ଶ୍ରଦ୍ଧାଞ୍ଜଳି ବିଶ୍ୱାଳ, ରିତାରାଣୀ ବିଶ୍ୱାଳ ଓ ବାସନ୍ତି ବିଶ୍ୱାଳ। ତେବେ ଶ୍ରଦ୍ଧାଞ୍ଜଳି କୋଭିଡ୍ ପଜିଟିଭ ଥିବାରୁ ତାଙ୍କୁ ଘରକୁ ପଠାଇଦିଆଯାଇଛି। ଅନ୍ୟମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଆଳିପିଙ୍ଗଳ ଜେଲକୁ ପଠାଇ ଦିଆଯାଇଛି। ଭୁଆଶୁଣି ଗ୍ରାମର ଶ୍ରଦ୍ଧାଞ୍ଜଳିଙ୍କ ଘର ସାମ୍ନାରେ ମଙ୍ଗଳାଙ୍କ ପରିବାର ସଦସ୍ୟ ସବୁବେଳେ ପରିସ୍ରା କରୁଥିଲେ। ଏନେଇ ଶ୍ରଦ୍ଧାଞ୍ଜଳି ଅନ୍ତନ୍ତପୁର ଫାଣ୍ଡିରେ ସେପ୍ଟେମ୍ବର ୨୫ରେ ଅଭିଯୋଗ କରିଥିଲୋ। ଏହାପରେ ମଙ୍ଗଳାଙ୍କ ପରିବାର ଲୋକେ ଶ୍ରଦ୍ଧାଞ୍ଜଳିଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ କରି ସେଦିନ ରାତିରେ ପୁନର୍ବାର ପରିସ୍ରା କରିଥିଲେ। ଶ୍ରଦ୍ଧାଞ୍ଜଳିଙ୍କ ଝିଅ ଏହାକୁ ମୋବାଇଲରେ ରେକର୍ଡ କରୁଥିବା ବେଳେ ମଙ୍ଗଳାଙ୍କ ପରିବାର ସଦସ୍ୟ ତାଙ୍କୁ ମାଡ଼ ମାରିଥିଲେ। ଏନେଇ ଉଭୟ ପକ୍ଷରୁ ଗଣ୍ଡଗୋଳ ହେବାସହ ମାରପିଟ୍ ହୋଇଥିଲା। ପରଦିନ ଥାନାରେ ମଙ୍ଗଳାଙ୍କ ଅଭିଯୋଗକ୍ରମେ ମାମଲା (ନଂ. ୩୪୧/୨୧)ଓ ଶ୍ରଦ୍ଧାଞ୍ଜଳିଙ୍କ ଅଭିଯୋଗ ଅନୁସାରେ (ନଂ.୩୪୨/୨୧) ରୁଜୁ ହୋଇଥିଲା।

# କେନ୍ଦ୍ରାପଡ଼ାରେ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ



ଜିଲାର ବିଶିଷ୍ଟ ବ୍ୟକ୍ତିମାନେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

କେନ୍ଦ୍ରାପଡ଼ା ଅଫିସ, ୨୧୦

କେନ୍ଦ୍ରାପଡ଼ା ସହରର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଜିଲା ଓ ବ୍ଲକ ପ୍ରଶାସନ, ପୌରପାଳିକା ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ସର୍ବଧର୍ମ ପ୍ରାର୍ଥନା ସଭା, ଚାରା ରୋପଣ, ଗାନ୍ଧୀ ବିଚାରର ଆଲୋଚନା ଚକ୍ର ଆଦି ଅନୁଷ୍ଠିତ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ପ୍ରତ୍ୟୁଷରେ ରାମ ଧୂନ ପ୍ରଚାର ସହ ବିଭିନ୍ନ ସ୍ଥାନରେ ଥିବା ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ହୋଇଥିଲା। ସହରର ଗୋପସ୍ଥିତ କମଳ ଭବନଠାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଜିଲା ଜନ ଅଧିକାର ଅଭିଯାନ ସଭାପତି ଭୁବନମୋହନ ଜେନା ଅଧ୍ୟକ୍ଷତା କରିଥିଲେ। ଏଠାରେ ଗାନ୍ଧୀଜୀଙ୍କ କୁଟୀର ଶିଳ୍ପ ଓ କେନ୍ଦ୍ର ସରକାରଙ୍କ ଲୋକାଲ ଫର ଭୋକାଲ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ସୌରୀ ମହାଜନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଆଲୋଚନା ଚକ୍ରରେ ଶିକ୍ଷାବିତ୍ ଡ. ସର୍ବେଶ୍ୱର ସେଣ, ଡ. ଅମୀୟ କୁମାର ଜେନା ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ। ଜିଲା କଂଗ୍ରେସ ପକ୍ଷରୁ କଜଳାସ୍ଥିତ କଂଗ୍ରେସ ଭବନରେ ଏହି ଜୟନ୍ତୀ ପାଳନ କରାଯାଇଥିଲା। ଏଥିରେ ବରିଷ୍ଠ ନେତାମାନେ ଯୋଗ ଦେଇ ଗାନ୍ଧୀ ବିଚାର ସମ୍ପର୍କରେ ନିଜର ମତ ରଖିଥିଲେ। ସେହିପରି ଗରାପୁର ଠାରେ ଗାନ୍ଧି ପଦଯାତ୍ରା ସ୍ମୃତି ପରିଷଦ ପକ୍ଷରୁ ଶିକ୍ଷାବିତ ଭଜକୃଷ୍ଣ ରାଉତଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଶଶିଭୂଷଣ ବେହେରା ଯୋଗ ଦେଇ ଗାନ୍ଧୀ ପଦଯାତ୍ରାର ସ୍ମାରକୀର ସୁରକ୍ଷାକୁ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ କେନ୍ଦ୍ରାପଡା ବ୍ଲକ ଅଂଚଳର ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟ ସୌରଚାଳିତ ବିଦ୍ୟୁତ ସଞ୍ଚାଳିତ ହେବ ବୋଲି ପ୍ରକାଶ କରିଥିଲେ।

# 'ରାଜ୍ୟ ବିକାଶର ଚିତ୍ର ଆଙ୍କିବେ ଗାଁର ମହିଳା'

ମହାକାଳପଡ଼ା,୨୧୦(ଡି.ଏନ.ଏ.)



କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇଥିବା ମହିଳାମାନେ।

ମହାକାଳପଡ଼ା ବିଜେଡି ପାର୍ଟି କାର୍ଯ୍ୟାଳୟରେ ମହିଳା ବିଜେଡି ତରଫରୁ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଯୋଗ ଦେଇ କହିଲେ, ମହିଳା ମିଶନ ଶକ୍ତି ଯୋଗୁ ଗାଁର ମହିଳାମାନେ ହାଣ୍ଡିଶାଳ ଛାଡ଼ି ରାଜ୍ୟ ବିକାଶରେ ସାମିଲ ହୋଇଛନ୍ତି। ଗାଁର ବିଭିନ୍ନ ଜନ କଲ୍ୟାଣମୂଳକ ଦାୟିତ୍ୱ ରାଜ୍ୟ ସରକାର ମହିଳା ସଂଘ ଉପରେ ନ୍ୟସ୍ତ କରିଛନ୍ତି। ନବୀନ ପଟ୍ଟନାୟକଙ୍କ ସରକାରରେ ରାଜ୍ୟର ମହିଳାଙ୍କ ଯଥେଷ୍ଟ ଅଗ୍ରଗତି ଘଟିଛି। ସ୍ଥାନ ସଂରକ୍ଷଣ କ୍ଷେତ୍ରରେ ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯାଉଛି। ଆଗାମୀ ଦିନରେ ଗାଁର ମହିଳା ମହାସଂଘ ରାଜ୍ୟ ବିକାଶର ଚିତ୍ର ଆଙ୍କିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲା ମହିଳା ପର୍ଯ୍ୟବେକ୍ଷକ ସବିତା ମହାପାତ୍ର ଯୋଗ ଦେଇ ମହିଳାଙ୍କ ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ବିଜୁସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ଦ୍ୱାରା ପୁରୁଷମାନେ ୫ ଲକ୍ଷ ଓ ମହିଳାମାନେ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମାର ଫାଇଦା ଉଠାଇ ପାରିବେ ବୋଲି ମହାପାତ୍ର କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି କନ୍ଦ ସାମଲ, ବ୍ଲକ ଅଧକ୍ଷା ସସ୍ମିତା ବରାଳ, ସରୋଜିନୀ ସେଠୀ, ନଳିନୀପ୍ରଭା ଚୌଧୁରୀ, କବିତା ମଲିକ, ଭାରତୀ ଦଳାଇ, ପୁଷ୍ପଲତା ରାଉତ, ରାଜ୍ୟ ମହିଳା ବିଜେଡି ସମ୍ପାଦିକା ସୁରଭି ଜେନା ସଭା ପରିଚାଳନା କରିଥିଲେ। ବହୁ ମହିଳା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଅବସରପ୍ରାପ୍ତ ଯବାନଙ୍କ ପରଲୋକ

ବାଲିକୁଦା,୨୧୦(ସ୍ୱ.ପ୍ର.)



ବାଲିକୁଦା ବ୍ଲକ ଅନ୍ତର୍ଗତ ତଣ୍ଡିକୂଳ ଗ୍ରାମରଅବସରପ୍ରାପ୍ତ ଯବାନ ଖୁରେନ୍ଦ୍ରନାଥ ଦାସଙ୍କ ଶନିବାର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୯୦ ବର୍ଷ ହୋଇଥିଲା। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଖୁରେନ୍ଦ୍ରନାଥ ୧୯୬୨ ଭାରତ-ଚାଇନା ଯୁଦ୍ଧରେ ସାମିଲ ହୋଇଥିବା ବେଳେ ୧୯୭୨ ଯୁଦ୍ଧରେ କଲିକତାରେ ଆହାତ ହୋଇ ଅବସର ନେଇଥିଲେ। ପରେ ସେ ଓଡ଼ିଶା ସରକାରଙ୍କ ଉଠା ଜଳସେଚନ କାର୍ଯ୍ୟାଳୟରେ ଚାକିରି କରି ଅବସର ନେଇଥିଲେ। ତାଙ୍କ ପୁତ୍ର ବିଶ୍ୱଧର ଦାସ ବାଲିକୁଦାରେ ଧରିତ୍ରୀ ଖବରକାଗଜର ବିତରକ ଭାବେ କାର୍ଯ୍ୟ କରନ୍ତି।

## ଅମିତ୍ ପାରାଦୀପ ଛାତ୍ର କଂଗ୍ରେସ ସଭାପତି

ରାହାମା,୨୧୦(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ଛାତ୍ର କଂଗ୍ରେସ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ପାରାଦୀପ ନିର୍ବାଚନ ମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି ଭାବେ କୁଜଙ୍ଗ ବ୍ଲକ ସାଇଲୋ ପଞ୍ଚାୟତର ଅମିତ ଦାସଙ୍କୁ ସଭାପତି ଦାୟିତ୍ୱ ଦିଆଯାଇଛି। ସେହିପରି ସୌମ୍ୟ ରଞ୍ଜନ ପାଣି, ଶ୍ୟାମସୁନ୍ଦର ସାହୁଙ୍କୁ ଜିଲା ଉପସଭାପତି, ସ୍ମୃତି ରଞ୍ଜନ ସ୍ୱାଇଁ, ପ୍ରକାଶ କୁମାର ସ୍ୱାଇଁଙ୍କୁ ଜିଲା ସାଧାରଣ ସମ୍ପାଦକ, ରଙ୍କନିଧି ମଲ୍ଲିକଙ୍କୁ ଜିଲା ସମ୍ପାଦକ ଭାବେ ଘୋଷଣା କରାଯାଇଛି।

## ସ୍ତ୍ରୀଙ୍କୁ ଛାଡ଼ି ପ୍ରେମିକାଙ୍କ ସହ ଫେରାର ଜିଆରଏସ୍ କୋର୍ଟ ଚାଲାଣ

ବାଲିକୁଦା, ୨୧୦(ସ୍ୱ.ପ୍ର.)

ସ୍ତ୍ରୀ ଓ ୨ ପିଲାଙ୍କୁ ଛାଡ଼ି ଫେରାର ହୋଇଯାଇଥିବା ଜଣେ ବ୍ୟକ୍ତିଙ୍କୁ ଶୁକ୍ରବାର ବାଲିକୁଦା ପୋଲିସ ଗିରଫ କରିଥିବାବେଳେ ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସୁବ୍ରତ ପରିଡ଼ା। ବାଲିକୁଦା ବ୍ଲକରେ ସେ ଜିଆରଏସ୍ ଭାବେ କାର୍ଯ୍ୟ କରନ୍ତି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଆଳିପିଙ୍ଗଳ ଉପକାରାଗାରକୁ ପଠାଇ ଦିଆଯାଇଛି। ବାଲିକୁଦା ପୋଲିସ ଟିମ୍ କଟକରୁ ତାଙ୍କୁ ଧରିବାକୁ ସକ୍ଷମ ହୋଇଥିଲା। ଜୁଲାଇ ୧୬ରେ ସୁବ୍ରତ ଜଣେ ମହିଳାଙ୍କୁ ନେଇ ଫେରାର୍ ହୋଇଯାଇଥିଲେ। ତାଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। ଦୀର୍ଘଦିନ ପରେ ମଧ୍ୟ ଅଭିଯୁକ୍ତ ଓ ତାଙ୍କ ପ୍ରେମିକାଙ୍କ କୌଣସି ସୂଚନା ନ ମିଳିବାରୁ ସୁବ୍ରତଙ୍କ ସ୍ତ୍ରୀ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଅନୁରୋଧ କରିଥିଲେ। ଏହା ପରେ ଅଭିଯୁକ୍ତଙ୍କ ମୋବାଇଲ ଫୋନକୁ ଟ୍ରାକ୍ କରି ପୋଲିସ ତାଙ୍କୁ କାବୁ କରିଥିଲା। ଏନେଇ ଥାନାରେ ମାମଲା (ନଂ.୮୫/୨୧) ରୁଜୁ ହୋଇଛି। ଏହା ପୂର୍ବରୁ ମଧ୍ୟ ସୁବ୍ରତ ୨ଥର ସମ୍ପୃକ୍ତ ମହିଳାଙ୍କ ସହ ଫେରାର ହୋଇଯାଇଥିଲେ।

# ପଟ୍ଟାମୁଣ୍ଡାଇ: ୩୦ ଫେରାର ଅଭିଯୁକ୍ତ ଗିରଫ

ପଟ୍ଟାମୁଣ୍ଡାଇ,୨୧୦(ସ୍ୱ.ପ୍ର.)

କୋଭିଡ କଟକଣା ଓ ସରକାରୀ ଗାଇଡଲାଇନ ଅନୁଯାୟୀ ଶାରଦୀୟ ଦୁର୍ଗାପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବା ପାଇଁ ପଟ୍ଟାମୁଣ୍ଡାଇ ପୋଲିସ ଆକ୍ସନ ମୁଡକୁ ଆସିଛି। କେନ୍ଦ୍ରାପଡ଼ା ଜିଲାପାଳ ଅମ୍ରିତ ଋତୁରାଜ ଏବଂ ଏସ୍‌ପି ସମ୍ବିଦ ସମ୍ପଦ ମଡକରଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଇତିମଧ୍ୟରେ ୩୦ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିପାଇଁ ବଛା ବଛା ଅଫିସରଙ୍କୁ ନେଇ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ଚୋରାମଦ, ବ୍ରାଉନସୁଗାର ଓ ଅନ୍ୟାନ୍ୟ ମାଦକ ଦ୍ରବ୍ୟ କାରବାର ରୋକିବା ପାଇଁ କଡା ପଦକ୍ଷେପ ନିଆଯାଇଛି। ରାତିଅଧିଆ ଚଢାଉ ଜାରି ରହିଛି। ପଟ୍ଟାମୁଣ୍ଡାଇର ବିଭିନ୍ନ ଅଞ୍ଚଳରେ ଥିବା ଜୁଆ ଆଡ୍ଡା ଉପରେ ଚଢାଉ କରାଯାଉଛି। ଆସନ୍ତା ୫ ତାରିଖରେ ପଟ୍ଟାମୁଣ୍ଡାଇ ଥାନା ପରିସରରେ ଏକ ଶାନ୍ତି କମିଟି ବୈଠକ ବସିବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ସମସ୍ତ ମେଢ କମିଟି, କର୍ମକର୍ତ୍ତା, ଲୋକପ୍ରତିନିଧି ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ପୂଜା ଉତ୍ସବକୁ କିପରି ଶାନ୍ତିଶୃଙ୍ଖଳାର ସହିତ ପାଳନ କରାଯିବ ସେ ସଂକ୍ରାନ୍ତରେ ପରାମର୍ଶ ଦେବାକୁ ଆଇଆଇସି ତପନ କୁମାର ରାଉତ ନିବେଦନ କରିଛନ୍ତି। କୌଣସି ପରିସ୍ଥିତି ଆଇନଶୃଙ୍ଖଳା ବ୍ୟାହତ ହେବାକୁ ଦିଆଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ଜିଲା ଲୋକ କଳା ରାଜ୍ୟରେ ବିରଳ

ତିର୍ତ୍ତୋଲ, ୨୧୦ (ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲାର ଲୋକକଳା ସାରା ଓଡ଼ିଶାରେ ବିରଳ ଓ ଏହା ସାଧାରଣ ଜନଜୀବନକୁ ପ୍ରଭାବିତ କରିଥାଏ ବୋଲି ଶନିବାର ରାଜ୍ୟ ଜଳସମ୍ପଦ ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି। ତିର୍ତ୍ତୋଲ ବ୍ଲକ କନକପୁର ଶାରଳା ମନ୍ଦିର ନିକଟରେ ଅନୁଷ୍ଠିତ ଜିଲା ଲୋକକଳା ଗ୍ରାମ ୩ୟ ବାର୍ଷିକ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସେ ଏହା କହିଛନ୍ତି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ, ଜିଲାପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ବ୍ଲକ ଅଧକ୍ଷା ସୁଜାତା ମହାନ୍ତି, ଉପାଧକ୍ଷ ଆଶିଷ ସେଠୀ, ଜିଲାପରିଷଦ ସଭ୍ୟା ଲିପାଲି ରାଉଳ, ସରପଞ୍ଚ ନମିତା ରାଉଳ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ବିଡିଓ ସତ୍ୟଜିତ ସ୍ୱାଇଁ ସ୍ୱାଗତ ଭାଷଣ ଓ ଜିଲା ସଂସ୍କୃତି ଅଧିକାରୀ କାମିନୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ବ୍ଲକ ସାମାଜିକ ସମ୍ପ୍ରସାରଣ ଅଧିକାରୀ ବିଜୟ ପାତ୍ର, ସଂସ୍କୃତି ପ୍ରେମୀ ଅମର ଜ୍ୟୋତି ସାହୁ ମଞ୍ଚ ସଞ୍ଚାଳନ କରିଥିଲେ। ରମାକାନ୍ତ ରାଉଳ ଲୋକନୃତ୍ୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଜିଲାର ୨୦ ଲୋକକଳା ଦଳ ନିଜର କଳା ପ୍ରଦର୍ଶନ କରିଥିଲେ।




ଉତ୍ସବରେ କଳାକାରମାନେ ସେମାନଙ୍କ କଳା ପ୍ରଦର୍ଶନ କରୁଛନ୍ତି।

# 'ସତ୍ୟ, ଅହିଂସାର ବାର୍ତ୍ତା ଦେଶର ଗରିମା ବଢ଼ାଇଛି'

ଜଗତ୍‌ସିଂହପୁର ଅଫିସ, ୨୧୦



ସାରଳା ଦାସ ସଂସ୍କୃତି ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ମହାତ୍ମା ଗାନ୍ଧୀ, ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ

ଜାତିର ପିତା ମହାତ୍ମା ଗାନ୍ଧୀ ଆମ ଦେଶ ଓ ଜାତିର ଆଲୋକ ବର୍ତ୍ତିକା ଥିଲେ। ସେ ଜଣେ ବ୍ୟକ୍ତି ନୁହେଁ, ଅନୁଷ୍ଠାନ ଥିଲେ। ରାଜନୀତିଜ୍ଞମାନଙ୍କ ମଧ୍ୟରେ ସନ୍ଥ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଲାଲ ବାହାଦୂର ଶାସ୍ତ୍ରୀ ଗାନ୍ଧୀଙ୍କ ପଟ୍ଟଶିଷ୍ୟ ଥିଲେ। ସେ ଆଦର୍ଶବାଦୀ ଓ ଅଦମ୍ୟ ସାହାସୀ ଥିଲେ। ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ପ୍ରଶୟ ଦେଉ ନ ଥିଲେ। ସେ ଦେଶର ପ୍ରଧାନମନ୍ତ୍ରୀ ହୋଇ ମଧ୍ୟ ସାଧାସିଧା ଜୀବନ ବିତାଉଥିଲେ। ଏହି ଦୁଇ ମହାପୁରୁଷଙ୍କ ସତ୍ୟ, ଅହିଂସା ଓ ଶାନ୍ତିର ବାର୍ତ୍ତା ଭାରତବର୍ଷର ଗାରିମା ବୃଦ୍ଧି କରିଛି। ତେଣୁ ପ୍ରତ୍ୟେକ ସେମାନଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ। ଶନିବାର ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହା କହିଛନ୍ତି। ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ଗାନ୍ଧୀ ସତ୍ୟ ଓ ଅହିଂସାର ପୂଜାରୀ ଥିଲେ ବୋଲି କହିଥିଲେ। ତାଙ୍କ ଚିନ୍ତା ଓ ଚେତନାରେ ଉଦ୍‌ବୃଦ୍ଧ ହେବାକୁ ମୁଦୁଲି ଆହ୍ୱାନ ଦେଇଥିଲେ। ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଶାସ୍ତ୍ରୀ ଜୟ ଜବାନ୍ ଓ ଜୟ କିଶାନ ମନ୍ତ୍ର ଦେଇଥିଲେ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ୨ ମହାପୁରୁଷଙ୍କ ଜନ୍ମ ଜୟନ୍ତୀରେ ସତ୍ୟ, ଅହିଂସା, ଶାନ୍ତି ବାର୍ତ୍ତାର ସ୍ମୃତିଚାରଣ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଜିଲା ପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ ଯୋଗଦେଇ ଗାନ୍ଧୀଙ୍କ ଆଦର୍ଶକୁ ବିଶେଷକରି ଯୁବପିଢୀ କାର୍ଯ୍ୟରେ ପରିଣତ କରିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଗାନ୍ଧୀଙ୍କ ଜୀବନାଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ। ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ଶେଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ତଥା ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଅତିଥିମାନେ ଥାନା ପରିସର ଓ ଗାନ୍ଧୀ ଛକରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏଥିସହ ସଂକୀର୍ତ୍ତନ ମଣ୍ଡଳୀ କଳାକାରମାନଙ୍କ ଦ୍ୱାରା ରାମଧୂନ ଶୋଭାଯାତ୍ରା ଗାନ୍ଧୀ ଛକରୁ ବାହାରି ସଂସ୍କୃତି ଭବନ ନିକଟରେ ପହଞ୍ଚିଥିଲା। ଗାନ୍ଧୀ ଜୟନ୍ତୀ ଅବସରରେ ବଙ୍ଗଳା ଛକ ନିକଟ କେନାଲ ଉପରେ ବକ୍ସ କଲଭର୍ଟ ଉଦ୍‌ଘାଟନ ହୋଇଥିଲା। ଏହାର ସମ୍ପ୍ରସାରଣ ସହ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ପଛ ଇଣ୍ଡୋର ଷ୍ଟାଡିୟମର ଶିଳାନ୍ୟାସ କରାଯାଇଥିଲା। ହାଟପୋଲ ନିକଟ ଅଳକାଶ୍ରମ ନିର୍ମାଣ ନେଇ ଭୂମିପୂଜନ ହୋଇଥିଲା। ଜଳ ଜୀବନ ମିଶନ (ଗ୍ରାମୀଣ) ରଥକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ସରକାରୀ ପଦାଧିକାରୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ଅଭିନବ ଉପାୟରେ ବିସ୍କୁଟ ଦୋକାନରୁ ଚୋରି

ପାଣିକୋଇଲି,(ଡି.ଏନ.ଏ.): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଜେନା କଂପ୍ଲେକ୍ସରେ ଥିବା ଏକ ବିସ୍କୁଟ ଦୋକାନରୁ ଗୁରୁବାର ରାତିରେ କେହି ଦୁର୍ବୃତ୍ତ ଅଭିନବ ଉପାୟରେ ୧ ଲକ୍ଷ ୧୭ ହଜାର ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏହାସହ ସିସିଟିଭି ରେକର୍ଡ କରୁଥିବା ଡିଭିଆର ମଧ ଚୋରି ହୋଇଛି। ଦୋକାନର ମାଲିକ ଶିବଚରଣ ସାହୁଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଖଣି, ଶିଳ୍ପାଞ୍ଚଳ ଅଶାନ୍ତ

- କମ୍ପାନୀ ସପକ୍ଷରେ ପୋଲିସ, ପ୍ରଶାସନ
- ଆନ୍ଦୋଳନରତ ଶ୍ରମିକଙ୍କ ଗୁହାରି ଶୁଣିବାକୁ କେହି ନାହିଁ

**ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ସୁକିନ୍ଦା ଖଣି ଅଞ୍ଚଳରେ ଗତ ୨୦ବର୍ଷ ମଧରେ ବହୁ ପରିବାର ବିସ୍ଥାପିତ ଏବଂ ଶିଳ୍ପାୟନ ଦ୍ୱାରା ଗୁରୁତର ପ୍ରଭାବିତ ହୋଇଛନ୍ତି। କ୍ଷତିପୂରଣ ଏବଂ ଥଇଥାନ କ୍ଷେତ୍ରରେ ପ୍ରତାରଣା ଶିକାର ହୋଇଛନ୍ତି। ଶେଷରେ ଠିକା ଶ୍ରମିକ ଭାବେ କାମ କରି ଶିଳ୍ପ ସଂସ୍ଥା ଦ୍ୱାରା ବିତାଡିତ ହୋଇଛନ୍ତି। ଏବେ ଭୋକ ଉପାସରେ ଦିନ କଟୁଥିବାବେଳେ ଗୁହାରି ଶୁଣିବାକୁ କେହି ନାହାଁ। ପ୍ରତିବାଦ କଲେ ପ୍ରଶାସନିକ ଓ ପୋଲିସ ଅଧିକାରୀ ଶିଳ୍ପ ସଂସ୍ଥା ସପକ୍ଷରେ ଛିଡ଼ା ହୋଇଛନ୍ତି। ଏନେଇ ଦୀର୍ଘବର୍ଷ ଧରି ଲୋକଙ୍କ ମଧରେ ରହିଥିବା କ୍ଷୋଭ ଏବେ ଫୁଟି ବାହାରୁଛି। ଫଳରେ ଖଣି ଓ ଶିଳ୍ପାଞ୍ଚଳ ଅଶାନ୍ତ ହେବାରେ ଲାଗିଛି।**


ଶ୍ରମିକମାନେ ଆନ୍ଦୋଳନ କରୁଛନ୍ତି।

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୨।୧୦**

ମାସିକିଆ ବଟି ଏବଂ ବଡ଼ ବଡ଼ ଉପହାର ଦେଇ ସରକାରୀ ଅଧିକାରୀଙ୍କୁ ସମ୍ଭାଳି ଆସୁଛନ୍ତି ଖଣି ଓ ଶିଳ୍ପ ସଂସ୍ଥା। ଏହାର ଏକ ଦୃଷ୍ଟାନ୍ତ କିଛିଦିନ ତଳେ ବେଦାନ୍ତ ଫେକର ଓସ୍ତପାଳ ଖଣିର ସିନିୟର ମ୍ୟାନେଜରଙ୍କ ଇ-ମେଲ୍‌ରୁ ଦେଖିବାକୁ ମିଳିଛି। କେବଳ ସରକାରୀ ଅଧିକାରୀ ନୁହନ୍ତି, ଲୋକ ପ୍ରତିନିଧି ଏବଂ ବିଭିନ୍ନ ସଂଘ କର୍ମକର୍ତ୍ତାଙ୍କୁ ସନ୍ତୁଷ୍ଟ ପାଇଁ ଉପହାର ପ୍ରଥା ଚାଲିଆସିଛି। ଏଥିଯୋଗୁ ଖଣି ଓ ଶିଳ୍ପ ସଂସ୍ଥାରେ ନିୟୋଜିତ ଶ୍ରମିକ କିମ୍ବା କର୍ମଚାରୀ ନିଜର ହକ ପାଇଁ ଦାବି ତଥା ଆନ୍ଦୋଳନ କଲେ ତାକୁ ଭଣ୍ଡୁର କରିବାକୁ ଯଥାସାଧ ଉଦ୍ୟମ ହେଉଛି। ଏପରିକି ପ୍ରଶାସନ, ଖଣି ଓ ଶିଳ୍ପ କର୍ତ୍ତୃପକ୍ଷ ଏବଂ ଶ୍ରମିକ ପ୍ରତିନିଧିଙ୍କ ମଧରେ ବିବାଦର ସମାଧାନ କରିବାକୁ ଏକାଧିକ ବୈଠକ ହେଉଥିଲେ ମଧ ତାହା ସଫଳ ହେଉ ନଥିବା ନଜିର ରହିଛି। ଶୁକ୍ରବାର କଳିଙ୍ଗନଗର ଶିଳ୍ପାଞ୍ଚଳର ସାଗର ସିମେଣ୍ଟ ଓ କାଳିଆପାଣି ସ୍ଥିତ ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ସୁକୁରୁଙ୍ଗି ଖଣିରେ ଏଭଳି କେତେକ ଦୃଶ୍ୟ ଦେଖିବାକୁ ମିଳିଛି। ଏହାପୂର୍ବରୁ ଟାଟା ଷ୍ଟିଲ ଖଣିର ଜୁସ୍କୋ ଠିକାସଂସ୍ଥାରେ ନିୟୋଜିତ ଶ୍ରମିକ ଏବଂ ବେଣାଗାଡିଆ ଗ୍ରାମର ମହିଳାମାନଙ୍କ କ୍ଷେତ୍ରରେ ଏହା ଜଳଜଳ ହୋଇ ଦିଶିଛି।

ଯଖପୁରା ଥାନା ଅଞ୍ଚଳରେ ରହିଥିବା ସାଗର ସିମେଣ୍ଟ କାରଖାନା ସମ୍ମୁଖରେ ବକେୟା ମଜୁରି ପାଇ ନ ଥିବା ଶ୍ରମିକମାନେ ଶୁକ୍ରବାର ଆନ୍ଦୋଳନ କରିଥିଲେ। ଶ୍ରମିକମାନଙ୍କୁ ବିନା ନୋଟିସରେ ବକେୟା ଦରମା ନ ଦେଇ ନିଯୁକ୍ତିରୁ ଛଟେଇ କରାଯାଇଥିଲା। ଏହାର ପ୍ରତିବାଦରେ ଶତାଧିକ ଶ୍ରମିକ ସାଗର ସିମେଣ୍ଟ କାରଖାନା ସମ୍ମୁଖରେ ମଜୁରି ପ୍ରଦାନ ସହ ପୁନଃ ନିଯୁକ୍ତି କରିବାକୁ ଅଡି ବସିଥିଲେ। ଏହି ସମୟରେ ପୋଲିସ ଫୋର୍ସ ଆସି ଶ୍ରମିକମାନଙ୍କୁ ସେଠାରୁ ତଡିବାକୁ ଚେଷ୍ଟା କରିଥିଲା। କିନ୍ତୁ ଗଣମାଧମ ପ୍ରତିନିଧିମାନଙ୍କ ଉପସ୍ଥିତି ଯୋଗୁ ପୋଲିସ ନୀରବ ରହିଥିଲା। ଅପରାହ୍ନରେ ଗଣମାଧମ ପ୍ରତିନିଧିମାନେ ସ୍ଥାନ ଛାଡି ଚାଲି ଯିବା ପରେ ପୋଲିସ ଆନ୍ଦୋଳନରତ ଶ୍ରମିକଙ୍କୁ ନାଲି ଆଖି ଦେଖାଇ ସେଠାରୁ ବାହାରି ଯିବାକୁ ତାଗିଦ କରିଥିଲା। ଖବର ପାଇ ପୁଣି କେତେଜଣ ଗଣମାଧମ ପ୍ରତିନିଧି ସେଠାରେ ପହଞ୍ଚିବାରୁ ଶ୍ରମିକମାନଙ୍କ ଆନ୍ଦୋଳନ ଜାରି ରହିଥିଲା। ହେଲେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଶ୍ରମିକମାନଙ୍କ କୌଣସି ଦାବି ପୂରଣ ହୋଇ ନ ଥିଲା। ଏ ଘଟଣାରେ ଜିଲା ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି।

ସେହିପରି ଓଏମ୍‌ସି ସୁକୁରୁଙ୍ଗି କ୍ରୋମାଇଟ ଖଣିରେ ଏକ ମାସ ହେବ ଅଚଳାବସ୍ଥା ଜାରି ରହିଛି। ଖଣିରେ କାର୍ଯ୍ୟରତ ୧୦୬ ଜଣ ଠିକା ଶ୍ରମିକ ରୋଜଗାର ହରାଇ ଆର୍ଥିକ ଦୁର୍ଗତିର ସମ୍ମୁଖୀନ ହୋଇଛନ୍ତି। ଏହାର ପ୍ରତିବାଦରେ ଶୁକ୍ରବାରଠାରୁ ଶ୍ରମିକମାନେ ଖଣି ପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସି ରହିଛନ୍ତି। କିନ୍ତୁ ସେମାନଙ୍କ ଗୁହାରି ଶୁଣିବାକୁ କେହି ନାହିଁ।

ଟାଟା ଷ୍ଟିଲ ମାଇନିଂରେ ଜୁସ୍କୋ ଠିକାସଂସ୍ଥାରେ ପ୍ରାୟ ୪୦ ଜଣ ଆଦିବାସୀ ଶ୍ରମିକଙ୍କୁ ବିନା କାରଣରେ ଛଟେଇ କରାଯାଇଛି। ଫଳରେ କାମ ହରାଇ ଶ୍ରମିକମାନଙ୍କ ପରିବାର ବର୍ଗ ଭୋକ ଉପାସରେ କାଳାତିପାତ କରୁଛନ୍ତି। ଏନେଇ ଶ୍ରମିକମାନେ ଟାଟା ଷ୍ଟିଲ ମାଇନିଂ କର୍ତ୍ତୃପକ୍ଷ ଓ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ କିଛି ସୁଫଳ ମିଳି ପାରୁନାହିଁ। ଆଗାମୀ ଦିନରେ ଏହାର ପ୍ରତିବାଦରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହାବାଦ ଆବାସ ଯୋଜନାରେ ଘର, ଜବକାର୍ଡ, ଲେବର କାର୍ଡ, କାଳିଆ, କୃଷି ଯୋଜନା, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ଇତ୍ୟାଦି ଦାବି କରିଥିବା ବେଣାଗାଡିଆ ଗ୍ରାମର ୧୬ ଜଣ ମହିଳାଙ୍କ ନାମରେ ଆଇପିସି ଦଫା ୧୦୭ ଅନୁଯାୟୀ ମାମଲା ରୁଜୁ ହୋଇଛି। ସେମାନେ ମଧ ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଖଣି ଓ ଶିଳ୍ପ କମ୍ପାନୀ କର୍ତ୍ତୃପକ୍ଷଙ୍କ ମନମାନିକୁ ବରଦାସ୍ତ କରାଯିବ ନାହିଁ। ଏହାର ଅପୋସ ସମାଧାନ କରାଯାଇ ଶ୍ରମିକମାନେ କିପରି ଉପକୃତ ହେବେ ସେ ନେଇ ପ୍ରଶାସନିକସ୍ତରେ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ଗାନ୍ଧୀ ଜୟନ୍ତୀରେ ମଦ ବେପାର

ବରୀ,୨।୧୦(ଡି.ଏନ.ଏ.): ବରୀ ରାମଚନ୍ଦ୍ରପୁର ପୋଲିସ ବାଲିଆପାଳସ୍ଥିତ ସରକାରୀ ମଦ ଦୋକାନ ଆଗରୁ ଜଣେ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ଅରୁଣ ପରିଡ଼ା। ଗାନ୍ଧୀ ଜୟନ୍ତୀରେ ସେ ମଦ ବିକ୍ରି କରୁଥିବା ଜଣାପଡ଼ିବା ପରେ ପୋଲିସର ପାଟ୍ରୋଲିଂ ଗାଡ଼ି ପହଞ୍ଚି ତାଙ୍କୁ କାବୁ କରିଥିଲା। ତାଙ୍କ ନାମରେ ଥାନାରେ ଏକ ମାମଲା ନଂ.୨୧୯/୨୧ ରୁଜୁ ହୋଇଛି। ତାଙ୍କଠାରୁ ୧୫ଟି ବିଦେଶୀ ମଦ ଜବତ ହୋଇଛି। ରବିବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ସୂତ୍ରରୁ ସୂଚନା ମିଳିଛି। ତେବେ ଦୀର୍ଘ ଦିନ ଧରି ବରୀ ଅଞ୍ଚଳରେ ବ୍ୟାପକ ଚୋରା ମଦ କାରବାର ଚାଲିଛି। ଏନେଇ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଉଥିଲେ ହେଁ ଅବକାରୀ ବିଭାଗ ଓ ପୋଲିସ ନୀରବଦ୍ରଷ୍ଟା ସାଜିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି।

### ବିଜେଡି ଗାର୍ଲସ ୱିଙ୍ଗ୍‌ସ କାର୍ଯ୍ୟକାରିଣୀ ବୈଠକ

ଧର୍ମଶାଳା,୨।୧୦(ଡି.ଏନ.ଏ.): ଧର୍ମଶାଳା ନିର୍ବାଚନମଣ୍ଡଳୀ ବିଜେଡି ଗାର୍ଲସ ୱିଙ୍ଗ୍‌ସର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ହଲରେ ଅନୁଷ୍ଠିତ ହୋଇଯାଇଛି। ଗାର୍ଲସ ଉଇଙ୍ଗସ୍ ସଭାନେତ୍ରୀ କ୍ଷୀରାବ୍ଧୀ ତନୟା ମଲ୍ଲିକଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗ ଦେଇଥିଲେ। ଧର୍ମଶାଳା ଗାର୍ଲସ ଉଇଙ୍ଗ ପକ୍ଷରୁ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ କରାଯାଉଥିବା ସାମାଜିକ କାର୍ଯ୍ୟକ୍ରମକୁ ଅତିଥିମାନେ ପ୍ରଶଂସା କରିବା ସହିତ ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ବ୍ଲକ ବିଜେଡି ସଭାନେତ୍ରୀ ବିଶ୍ୱ ବନ୍ଦନା ଜେନା ଧନ୍ୟବାଦ ଦେଇଥିଲେ।

### ମୋ ସ୍କୁଲ୍ ଅଭିଯାନ ଉପସଭାପତିଙ୍କ ଜାରକା ସ୍କୁଲ ପରିଦର୍ଶନ

ଧର୍ମଶାଳା,୨।୧୦(ଡି.ଏନ.ଏ.): ଗଣ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ତଥା ମୋସ୍କୁଲ ଅଭିଯାନ ରାଜ୍ୟ ପରିଚାଳନା ସଙ୍ଗଠନ ଉପସଭାପତି ସତ୍ୟବ୍ରତ ସାହୁ ଓ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକ ଡ. ସନାତନ ପଣ୍ଡା ଶନିବାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ହାଇସ୍କୁଲ ପରିଦର୍ଶନ କରିଛନ୍ତି। ସେମାନେ ସ୍କୁଲରେ ଉପସ୍ଥିତ ଥିବା ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରିଙ୍କ ସମେତ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷାଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷାଅଧିକାରୀ ଓ ଶିକ୍ଷକମାନଙ୍କ ସହ ମୋ ସ୍କୁଲ ଅଭିଯାନ ସମ୍ପର୍କରେ ଆଲୋଚନା କରିଥିଲେ। ମୋ ସ୍କୁଲ ଅଭିଯାନରେ ସ୍କୁଲ ପକ୍ଷରୁ ୫ ଲକ୍ଷଟଙ୍କା ଜମା କରାଯାଇଥିଲା। ଶନିବାର ୬୫ ହଜାର ଟଙ୍କା ଦାଖଲ ହୋଇଥିବା ପ୍ରଧାନଶିକ୍ଷକ ବୀରବର ବେହେରା ସୂଚନା ଦେଇଛନ୍ତି। ଶିକ୍ଷକ ସନ୍ଦୀପ୍ତ କୁମାର ମହାନ୍ତି ସ୍ୱାଗତ ଜଣାଇ ମୋସ୍କୁଲ ଅଭିଯାନ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ଶିକ୍ଷାଧିକାରୀ ଗିରି ଉଭୟ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୂରାତନ ଛାତ୍ର ବିଘ୍ନେଶ୍ୱର ବଳ ୪୦ ହଜାର, ଅମୀୟ ଅମିତାଭ ମହାନ୍ତି ୧୫ ହଜାର ଓ ନଳିନୀ ପ୍ରଭା ଜେନା ୧୦ ହଜାର ଟଙ୍କା ମୋସ୍କୁଲ ଅଭିଯାନକୁ ପ୍ରଦାନ କରିଥିଲେ। ଶିକ୍ଷକ ଜୟପ୍ରକାଶ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

### ଯୁବ କୃଷକ ସଂଘ ପକ୍ଷରୁ ଚାରାରୋପଣ

ରସୁଲପୁର,୨।୧୦(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଜଗନ୍ନାଥ ମଠ ପରିସରରେ ଭାରତୀୟ ଯୁବ କୃଷକ ସଂଘ ପକ୍ଷରୁ ଚାରାରୋପଣ କରାଯାଇଛି। ମହାତ୍ମା ଗାନ୍ଧୀ ଜଣେ ପ୍ରକୃତି ଉପାସକ ଥିଲେ। ତାଙ୍କ ଜନ୍ମଦିନରେ ଚାରାରୋପଣ କରି ପରିବେଶ, ପ୍ରକୃତିକୁ ସୁରକ୍ଷା ଦେବା ପାଇଁ ପଦକ୍ଷେପ ନେବା ଓ ପରିବେଶକୁ ସଫାସୁତୁରା ରଖିବାକୁ ଗୁରୁତ୍ୱ ଦେବା ସ୍ୱର୍ଗତ ଆତ୍ମାପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି କାର୍ଯ୍ୟକ୍ରମେ ଯୋଗଦେଇଥିବା ଅତିଥିମାନେ ମତ ରଖିଛନ୍ତି। ଚାରାରୋପଣ କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ବିନୋଦ ବିହାରୀ ରାଉତ ଉଦ୍‌ଘାଟନ କରିଥିବା ବେଳେ ଭାରତୀୟ ଯୁବ କୃଷକ ସଂଘ ରାଜ୍ୟ ସଭାପତି ପ୍ରଭାକର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଅଭିରାମ ବେହେରା, ଚକ୍ରଧର ସ୍ୱାଇଁ, କାର୍ତ୍ତିକ ସ୍ୱାଇଁ, ଶଶଧର ରାଉତ, ବଳରାମ ମଲ୍ଲିକ ଓ ବଳରାମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ପୁଅ ଠେଙ୍ଗାମାଡ଼ରେ ମା ଗୁରୁତର, ୨ କୋର୍ଟଚାଲାଣ

ରସୁଲପୁର,୨।୧୦(ଡି.ଏନ.ଏ.)

କୁଆଖିଆ ଥାନା ପ୍ରଥମାଖଣ୍ଡି ପଞ୍ଚାୟତ ଦାମଦୋରପୁର ଗ୍ରାମରେ ଶୁକ୍ରବାର ଜମି ବିବାଦକୁ ନେଇ ଲୋଟଣୀ ମଳିକ ପରିବାରରେ ଗଣ୍ଡଗୋଳ ଘଟିଛି। ଫଳରେ ପୁଅ ଖଗେଶ୍ୱର ମଳିକ ଏବଂ ଓକିଲ ମଳିକଙ୍କ ଠେଙ୍ଗା ମାଡ଼ରେ ମା' ଲୋଟଣୀ ଗୁରୁତର ହୋଇଛନ୍ତି। ଅନ୍ୟ ପୁଅମାନେ ତାଙ୍କୁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇବା ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ସ୍ଥାନାନ୍ତର କରିଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ୨ ଅଭିଯୁକ୍ତ ପୁଅ ଖଗେଶ୍ୱର ଓ ଓକିଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଥାନାରେ ମାମଲା ନଂ.୩୩୨/୨୧ ରୁଜୁ ହୋଇଛି। ଖଗେଶ୍ୱର ତାଙ୍କ ଭାଉଜ ବାସନ୍ତୀଙ୍କୁ ଟଣାଓଟରା କରିଥିଲେ। ବାସନ୍ତୀଙ୍କ ଚିତ୍କାର ଶୁଣି ଶାଶୁ ଲୋଟଣୀ ଆସିଥିଲେ। ଏହି ସମୟରେ ଖଗେଶ୍ୱର ଭାଉଜଙ୍କୁ ଛାଡ଼ି ମା'ଙ୍କୁ ମାଡ଼ ମାରିଥିଲା। ପରେ ତାଙ୍କ ଅନ୍ୟ ଏକ ପୁଅ ଓକିଲ ଆସି ମା'ଙ୍କୁ ମାଡ଼ ମାରିଥିଲେ।

# 'ମକଦ୍ଦମା ଫଇସଲା ଲାଗି ସହଯୋଗ ଆବଶ୍ୟକ'


ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ଓ ସାଧାରଣ ସଭାରେ ମଞ୍ଚାସୀନ ଅତିଥି।

ଚଣ୍ଡିଖୋଲ,୨।୧୦(ଡି.ଏନ.ଏ.)

୧୦ ବର୍ଷ ପୂର୍ବେ ଓଡ଼ିଶାରେ ବିଚାରପତିଙ୍କ ସଂଖ୍ୟା ଯାହା ଥିଲା, ଏବେ ସେ ତୁଳନାରେ ବୃଦ୍ଧିହୋଇଛି। ତେଣୁ ପୁରୁଣା ମକଦ୍ଦମାଗୁଡ଼ିକ ଶୀଘ୍ର ଶେଷ କରିବା ପାଇଁ ଓକିଲମାନେ ବିଚାରପତିଙ୍କୁ ସହଯୋଗ କରିବା ଉଚିତ୍ ବୋଲି ହାଇକୋର୍ଟ ବିଚାରପତି ବିଶ୍ୱନାଥ ରଥ ପ୍ରକାଶ କରିଛନ୍ତି। ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ୍ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ଓ ସାଧାରଣ ସଭା ବାର ଆସୋସିଏଶନ୍ ସଭାପତି ଦେବରାଜ ବେହେରାଙ୍କ ଅଧକ୍ଷତାରେ କୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇକୋର୍ଟ ବିଚାରପତି ରଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଯାଜପୁର ଜିଲା ଦୌରାଜଜ୍ ଶ୍ରୀକାନ୍ତ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ମକଦ୍ଦମାଗୁଡ଼ିକ ଶୀଘ୍ର ଫଇସଲା ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ପ୍ରାରମ୍ଭିକ ସୂଚନା କିଶୋର ଚନ୍ଦ୍ର ନାୟକ ପ୍ରଦାନ କରିଥିବାବେଳେ ବାର ଆସୋସିଏଶନ୍ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଆଇନଜୀବୀ ଶରତ ଚନ୍ଦ୍ର ବଳ କୋର୍ଟର ଉନ୍ନତି ପାଇଁ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ରେଣୁବାଳା ମହାନ୍ତି। ଉପସଭାପତି ଶ୍ରୀକାନ୍ତ ବଳ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ମହାତ୍ମା ଗାନ୍ଧୀଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତିକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିବା ବେଳେ ଶିଶୁକଳାକାରଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା।

## ସଞ୍ଜୀବ ଦାଶ ଜିଲା ଛାତ୍ର କଂଗ୍ରେସ ସମ୍ପାଦକ ମନୋନୀତ

ଯାଜପୁର ଟାଉନ,୨।୧୦(ଡି.ଏନ.ଏ.)

ଯାଜପୁର ଜିଲା ଛାତ୍ର କଂଗ୍ରେସ ସମ୍ପାଦକ ଭାବେ ସଞ୍ଜୀବ କୁମାର ଦାଶଙ୍କୁ ମନୋନୀତ କରାଯାଇଛି। ଯାଜପୁର ବ୍ଲକ୍ ସିମିଳିଆ ପଞ୍ଚାୟତର ସଞ୍ଜୀବ ଜଣେ ଉଦୀୟମାନ ଛାତ୍ର ସଙ୍ଗଠକ ଭାବେ ସୁଖ୍ୟାତି ଅର୍ଜନ କରିଛନ୍ତି। ସେ ଏହି ପଦବୀ ଲାଗି ମନୋନୀତ ହୋଇଥିବାରୁ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୱାସିର ନୱାଜ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ ଏବଂ ଜିଲା ଛାତ୍ର କଂଗ୍ରେସ ସଭାପତି ଅନନ୍ତ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଅନ୍ୟପକ୍ଷରେ ସେ ଜିଲା ଛାତ୍ର କଂଗ୍ରେସ ସମ୍ପାଦକ ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ କଂଗ୍ରେସ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ଜିଲାସ୍ତରୀୟ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

ଯାଜପୁର ଅଫିସ,୨।୧୦

ଜିଲା ପ୍ରଶାସନ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲାପାଳ ଚକ୍ରବର୍ତ୍ତି ସିଂ ରାଠୋର ଗାନ୍ଧୀ ଛକ ସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଏବଂ ଜିଲା ସ୍କୁଲ ଓ ସଂସ୍କୃତି ଭବନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲିକ, ଯାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌରଭ ଚକ୍ରବର୍ତ୍ତୀ, ପୌର ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବରିଷ୍ଠ ନାଗରିକ ନିସିତ୍ କୁମାର ଦାସ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ପରେ ବିବିଧ ସଚେତନତା ବାର୍ତ୍ତା ସୃଷ୍ଟି ପାଇଁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପରବର୍ତ୍ତୀ ସମୟରେ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଥିଲା।


ସଚେତନତା ଶୋଭାଯାତ୍ରାକୁ ଅତିଥି ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

## ୩ ବ୍ରାଉନସୁଗାର ବେପାରୀ କୋର୍ଟଚାଲାଣ

ପାଣିକୋଇଲି,୧।୧୦(ଡି.ଏନ.ଏ.)

ପାଣିକୋଇଲି ପୋଲିସ ଶନିବାର ୩ ବ୍ରାଉନ ସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜଳେଶ୍ୱରରୁ ଯାଜପୁର ଧଳା ଜହର ବେପାରର ଚେର ଲମ୍ବିଥିବା ଏଥିରୁ ସ୍ପଷ୍ଟ ହୋଇଛି। ଏସ୍‌ଆଇ ଚିନ୍ମୟୀ ବେହେରାଙ୍କ ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ଜଳେଶ୍ୱର ଶିଖରପୁର ସୁଦର୍ଶନ ଜେନା, ଗ୍ରାହକ କୁଆଖିଆ ଥାନା ଗୋପିନାଥପୁର ଶାସନର ବିକାଶ ସାମଲ ଏବଂ ଧର୍ମଶାଳା ଥାନା ଅନ୍ତର୍ଗତ ନୂଆପାଳ ଗ୍ରାମର ସୁବାସ ସାମଲଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୯ ଗ୍ରାମ ବ୍ରାଉନ ସୁଗାର, ଏକ କାର ଓ ବାଇକ ସହ ୫ଟି ମୋବାଇଲ ଜବତ କରାଯାଇଛି।

## କୃଷକ ସଚେତନତା ଆଲୋଚନାଚକ୍ର

ରସୁଲପୁର,୨।୧୦(ଡି.ଏନ.ଏ.)

ରସୁଲପୁର ବ୍ଲକ ଓଡ଼ିଶୋ ପଞ୍ଚାୟତ ଅରଡିଆ-କୁସୁନପୁର ଗ୍ରାମରେ କୃଷକ ସଚେତନତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ବାରବାଟୀ କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ କମ୍ପାନୀ ବରିଷ୍ଠ ପରିଚାଳକ ରବୀନ୍ଦ୍ରନାଥ ସର ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ସୂର୍ଯ୍ୟମଣି ମହାରଣା ଯୋଗଦେଇ କୃଷକ ଉତ୍ପାଦକ କମ୍ପାନୀର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଚାଷୀଙ୍କୁ ବୁଝାଇଥିଲେ। ସେ କହିଥିଲେ, ଉତ୍ପାଦକ କମ୍ପାନୀରେ ୩୦୦ରୁ୫୦୦ ଚାଷୀଙ୍କୁ ନେଇ ଗୋଷ୍ଠୀ ଗଠନ ହେବ। ଗୋଷ୍ଠୀ ଜରିଆରେ କୃଷିଜାତ ଦ୍ରବ୍ୟ ଉତ୍ପାଦନ ବୃଦ୍ଧି, ଜୈବିକ ପ୍ରଣାଳୀରେ କୃଷିକାର୍ଯ୍ୟ ଓ ମାଛ, କୁକୁଡ଼ା, ଗୋ, ଘୁଷୁରି ପାଳନ, ଛତୁ ଚାଷ, ଭଳି ଜାବତୀୟ କୃଷି କାର୍ଯ୍ୟରେ କିଭଳି ଲାଭ ଉପୁଜିବ ସେ ସମ୍ପର୍କରେ କମ୍ପାନୀର ସଦସ୍ୟମାନେ ମିଳିତ ଭାବେ ନିଷ୍ପତ୍ତି ନେଇପାରିବେ। କମ୍ପାନୀକୁ ସରକାରଙ୍କ ପକ୍ଷରୁ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟ ଅତିଥି ଚାଷୀଙ୍କୁ ଅବଗତ କରାଇଥିଲେ। ରୁଙ୍ଗଟା କ୍ଷୁଦ୍ର ଜଳସେଚନ କମ୍ପାନୀ ପକ୍ଷରୁ କୃପାସିନ୍ଧୁ ଦାସ ଯୋଗଦେଇ ଚାଷରେ ଜଳସେଚନ ସମ୍ପର୍କରେ ବୁଝାଇଥିଲେ। ରସୁଲପୁର ଉଦ୍ୟାନ କୃଷି ବିଭାଗ ପ୍ରତିନିଧି ସୁରେନ୍ଦ୍ର ସାହୁ, ଉତ୍ପାଦକ କମ୍ପାନୀ କର୍ମକର୍ତ୍ତା ଭଗବାନ ଦାଶ, କାର୍ତ୍ତିକ ଗାରେଡ଼ିଆ, ରଘୁନାଥ ପରିଡ଼ା, ପ୍ରମୁଖ ଯୋଗଦେଇ କମ୍ପାନୀ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

## ଏମ୍‌ପିଙ୍କୁ ସମସ୍ୟା ଜଣାଇଲା ପ୍ରତିନିଧି ଦଳ

ପାଣିକୋଇଲି,୧।୧୦(ଡି.ଏନ.ଏ.)


ଏମ୍‌ପିଙ୍କୁ ପାଣିକୋଇଲି ବଜାରର ସମସ୍ୟା ସମ୍ପର୍କିତ ଦାବିପତ୍ର ପ୍ରଦାନ କରାଯାଉଛି।

ପଥରପଦା ସରପଞ୍ଚ ପ୍ରକାଶ ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀଙ୍କୁ ଭେଟି ପାଣିକୋଇଲି ବଜାରରେ ଥିବା ବିଭିନ୍ନ ସମସ୍ୟା ଉପସ୍ଥାପନା କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ପାଣିକୋଇଲିରେ ହାଇମାଷ୍ଟ ଲାଇଟ ଅଚଳ ସମ୍ପର୍କରେ ଅବଗତ କରିବା ସହ ଏହାକୁ ଚାଲୁ କରିବା, ସାଂସଦ ମୋହନ ଶୌଚାଳୟ ସମ୍ମୁଖ ସରକାରୀ ଜମିରୁ ଜବରଦଖଲ ହଟାଇବା, ଯାତ୍ରୀ ବିଶ୍ରାମଗାରରେ ଆଲୋକୀକରଣ ବ୍ୟବସ୍ଥା କରାଇବା ଦାବି ନେଇ ଏମ୍‌ପିଙ୍କ ସହ ଆଲୋଚନା କରିଥିଲେ। ପ୍ରତିନିଧି ଦଳରେ ଯୁବନେତା ଶତିଷ ଧଳ, ଚନ୍ଦ୍ରକାନ୍ତ ବିଶ୍ୱାଳ, ଜିତେନ୍ଦ୍ର ଭାରତୀ, ଭରତ ଚନ୍ଦ୍ର ବେହେରା, ବିଜୟ ଦତ୍ତ, ସ୍ମିତିରଞ୍ଜନ ମିଶ୍ର, ଚିନ୍ମୟ କୁମାର ସାହୁ, ଶିବ ପ୍ରସାଦ ଗିରି ପ୍ରମୁଖ ସାମିଲ ଥିଲେ।

## ଗ୍ରାମ୍ୟ ଉନ୍ନୟନ ବିଭାଗ ମଣ୍ଡଳ କାର୍ଯ୍ୟାଳୟ ଶିଳାନ୍ୟାସ

ଚଣ୍ଡିଖୋଲ,୨।୧୦(ଡି.ଏନ.ଏ.)

ଯାଜପୁର ଓ କେନ୍ଦ୍ରାପଡ଼ା ଜିଲା ପାଇଁ ୪ଟି ଡିଭିଜନ୍‌ର ମଣ୍ଡଳସ୍ତରୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଚଣ୍ଡିଖୋଲଠାରେ ସ୍ଥାପନ କରାଯିବ। ଏଥିପାଇଁ ଶନିବାର ଶିଳାନ୍ୟାସ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜିବ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୂମିପୂଜନ କରିବା ସହ ୨ କୋଟି ୫୫ଲକ୍ଷ ୭୮ହଜାର ବ୍ୟୟରେ ନିର୍ମିତ ହେବାକୁ ଥିବା ମଣ୍ଡଳ କାର୍ଯ୍ୟାଳୟ ଅଧୀନରେ ଯାଜପୁର ଜିଲାର ୨ ଡିଭିଜନ ଓ କେନ୍ଦ୍ରାପଡ଼ା ଜିଲାର ୨ ଡିଭିଜନ୍ କାର୍ଯ୍ୟ କରିବ ବୋଲି ମତ ପ୍ରକାଶ କରିଥିଲେ। ଏଥିସହିତ ବିଧାୟକ କହିଥିଲେ, ଚଣ୍ଡିଖୋଲ ହେଉଛି ଦୁଇଟି ଜିଲାର ମଧ୍ୟସ୍ଥଳ। ଗମନାଗମନ ଦୃଷ୍ଟିରୁ ଏହା ସବୁଠୁ ଉନ୍ନତମାନର। ସେଥିପାଇଁ ୨୦୧୨ରୁ ପରିକଳ୍ପନା କରାଯାଇଥିବା ମଣ୍ଡଳ କାର୍ଯ୍ୟାଳୟର ଶିଳାନ୍ୟାସ କରାଗଲା। ଏକବର୍ଷ ମଧ୍ୟରେ ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଜାରକା ଡିଭିଜନ୍ ନିର୍ବାହୀଯନ୍ତ୍ରୀ ରବୀନ୍ଦ୍ର କୁମାର ମାଝି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲାବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଳସୀ ପାତ୍ର ଧନ୍ୟବାଦ ଦେଇଥିଲେ। ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ବିପିନ୍ ବିହାରୀ ଜେନା, ସରପଞ୍ଚ ଚାଚାଲିନ୍ ସ୍ୱାଇଁ, ସଞ୍ଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଭାଗ କାର୍ଯ୍ୟାଳୟ ଚଣ୍ଡିଖୋଲଠାରେ ନିର୍ମାଣ ହେଉଥିବାରୁ ଏହା ବଡ଼ଚଣା ବିକାଶରେ ସାହାଯ୍ୟ କରିବ ବୋଲି ପ୍ରକାଶ କରିଥିଲେ।

## ନଳକୂପ ବିଶୋଧନ ଆରମ୍ଭ

ବରୀ,୨।୧୦(ଡି.ଏନ.ଏ.)

ଚଳିତ ବର୍ଷ ବନ୍ୟା ଯୋଗୁ ବରୀ ବ୍ଲକର ସାହୁପଡ଼ା, ଧାରପୁର, ଈଶାଣପୁର, ସ୍ୱାଇଁଖଣ୍ଡ, ବାଲିଆ, ଉଦୟନାଥପୁର, କଳାମାଟିଆ ଓ ବାଲିବିଲି ଆଦି ପଞ୍ଚାୟତ ପ୍ରଭାବିତ ହୋଇଥିଲା। ନଳକୂପ ଗୁଡ଼ିକ ବନ୍ୟା ଜଳରେ ବୁଡି ରହିଥିଲା। ତେବେ ବନ୍ୟା ଛାଡ଼ିବା ପରେ ମଧ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଏହାକୁ ବିଶୋଧନ କରାଯାଇ ନ ଥିଲା। ଏନେଇ ୩୦।୯।୨୧ରେ 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ପ୍ରଶାସନର ଚେତା ପଶିଛି। ବିଭାଗ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳର ନଳକୂପ ଗୁଡ଼ିକୁ ଯାଞ୍ଚ କରାଯାଇ ବିଶୋଧନ କରାଯାଇଛି। ତେବେ ବନ୍ୟା ପ୍ରଭାବିତ ଅଞ୍ଚଳରେ ବହୁ ନଳକୂପ ଅଚଳ ଥିବାରୁ ଗୋଟିଏ ଗୋଟିଏ ନଳକୂପ ଉପରେ ଶତାଧିକ ପରିବାର ନିର୍ଭର କରୁଛନ୍ତି। ତେଣୁ ଅଚଳ ନଳକୂପ ଗୁଡିକୁ ତୁରନ୍ତ ମରାମତି ପାଇଁ ସାଧାରଣରେ ଦାବି ହୋଇଛି।

# ସମ୍ବଲପୁରୀ ନୃତ୍ୟରେ ଦୁଲୁକିଲା ମଞ୍ଚ


ତୃତୀୟ ବାର୍ଷିକ ଲୋକକଳା ଗ୍ରାମ ମହୋତ୍ସବରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ତୃତୀୟ ବାର୍ଷିକ ଲୋକକଳା ଗ୍ରାମ ମହୋତ୍ସବ**

ଯାଜପୁର ଅଫିସ,୨।୧୦

ସମ୍ବଲପୁରୀ ନୃତ୍ୟରେ ଶନିବାର ଏନ.ସି. କଲେଜ ପରିସରରେ ଅନୁଷ୍ଠିତ ତୃତୀୟ ବାର୍ଷିକ ଲୋକକଳା ଗ୍ରାମ ମହୋତ୍ସବ ମଞ୍ଚ ଦୁଲୁକି ଉଠିଛି। ଏହାସହ ୮ ଦଳ ସଂକୀର୍ତ୍ତନ ମଣ୍ଡଳୀର ପାରମ୍ପରିକ ପରିବେଷଣ ଦର୍ଶକଙ୍କୁ ଆମୋଦିତ କରିଥିଲା। ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତୀ ଅତିଥିଙ୍କୁ ସ୍ୱାଗତ କରିଥିଲେ। ବରୀ ବିଧାୟିକା ସୁନନ୍ଦା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାର ପାରମ୍ପରିକ ଲୋକକଳା ଅନନ୍ୟ। ଏହାର ସୁରକ୍ଷା ଓ ସଂରକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲିକ, ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ସନ୍ତୋଷ ପଣ୍ଡା ପ୍ରମୁଖ ଯୋଗଦେଇ ଲୋକକଳା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ସଂକ୍ଷେପରେ

### ପେଟ୍ରୋଲ, ଡିଜେଲ ଦର ବୃଦ୍ଧିକୁ ନେଇ ଅସନ୍ତୋଷ

ଖଣ୍ଡପଡ଼ା,୨।୧୦ (ସ୍ୱ.ପ୍ର.): ରନ୍ଧନ ଗ୍ୟାସ, ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସର୍ବସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ସରକାର ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍ ହ୍ରାସ ପ୍ରତି ଦୃଷ୍ଟିଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

### ବିଶିଷ୍ଟ ଲେଖକ କୁଳମଣିଙ୍କୁ ସମ୍ବର୍ଦ୍ଧନା

ଖଣ୍ଡପଡ଼ା,୨।୧୦ (ସ୍ୱ.ପ୍ର.): ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଖଣ୍ଡପଡ଼ାର ବିଶିଷ୍ଟ ଲେଖକ କୁଳମଣି ଷଡ଼ଙ୍ଗୀଙ୍କୁ ୨୦୨୧ ବର୍ଷ ପାଇଁ ପ୍ରେରଣା ଦାୟୀ ବ୍ୟକ୍ତିତ୍ୱ ସମ୍ମାନ ପ୍ରଦାନ କରାଯାଇଛି।



ଇଣ୍ଟରଭ୍ୟୁ ଟାଇମସ୍‌ର ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଭୁବନେଶ୍ୱରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କଳା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମଗ୍ର ରାଜ୍ୟରୁ ୨୦ ଜଣ ବ୍ୟକ୍ତିଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ସେମାନଙ୍କ ମଧ୍ୟରେ ଷଡ଼ଙ୍ଗୀ ସ୍ଥାନ ପାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

### ରାଷ୍ଟ୍ର ଗଠନରେ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭଞ୍ଜନଗର,୨।୧୦(ଡି.ଏନ.ଏ.): ବେଲଗୁଣ୍ଠା ବିଜେଡି ତରଫରୁ ରାଷ୍ଟ୍ର ଗଠନରେ ଯୁବ ସମାଜର ଭୂମିକା ଶୀର୍ଷକ ଏକ ଆଲୋଚନାଚକ୍ର ଶନିବାର ପାତ୍ରଲିସାହିରେ ଆୟୋଜିତ ହୋଇଯାଇଛି। ରାଷ୍ଟ୍ର ଗଠନରେ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବୈଠକରେ ଯୋଗଦେଇ ଅଧିକାଂଶ ବକ୍ତା ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗୋପବନ୍ଧୁ ଆୟୁର୍ବିଜ୍ଞାନ ଓ ଗବେଷଣା କେନ୍ଦ୍ର ଡେପୁଟି ମ୍ୟାନେଜର ନିତ୍ୟ ସୁନ୍ଦର ବର୍ତ୍ତମାନ ସ୍ଥିତିରେ ଯୁବକମାନଙ୍କ ମାନସିକ ସ୍ଥିତି ଉପରେ କହିଥିଲେ। ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ ସଭାପତି ସଚିନ ମହାପାତ୍ର ଯୋଗଦେଇ ବର୍ତ୍ତମାନ ଚାଷର ଆହ୍ୱାନ, କୃଷକମାନଙ୍କ ସ୍ଥିତି ଓ ନୂଆ ଚାଷୀ ଆଇନ ଉପରେ ମତବ୍ୟକ୍ତ କରିବା ସହ ଚାଷ ଓ ଚାଷୀଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ କରିବା ପାଇଁ ଆହ୍ୱାନ ଦେଇଥିଲେ। କୁଞ୍ଜବିହାରୀ ନାୟକ, ଶୂଳପାଣି ଶତପଥୀ, ରାମେଶ୍ୱର ପାତ୍ର, ଜିଲା ପରିଷଦ ସଭ୍ୟ ଅମିତ କୁମାର ନାୟକ, ଯୁବ ସଭାପତି ଶିବରାମ ରାଉତ, ବୈଷୟିକ ସମ୍ପାଦକ ବିଭୁପାଦ ଜେନା ଓ ଛାତ୍ର ସଭାପତି ଜ୍ୟୋତି ରଞ୍ଜନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚିନ୍ମୟ ପୋଲାଇ ଧନ୍ୟବାଦ ଦେଇଥିଲେ।

### ଆଇନ ସଚେତନତା ଶିବିର

ବୁଗୁଡ଼ା,୨।୧୦ (ଡି.ଏନ.ଏ.): ବୁଗୁଡ଼ା ବ୍ଲକ ଝୋଲରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲୁକ ଆଇନ ସେବା ପ୍ରାଧିକରଣ ତରଫରୁ ଶନିବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସ୍ଥାନୀୟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ବିଚାରପତି ସୋନାଲି ଅପରାଜିତା ଅଧକ୍ଷତା କରିଥିଲେ।

# ଗର୍ଭବତୀଙ୍କୁ ମିଳୁନି ଉପଯୁକ୍ତ ସ୍ୱାସ୍ଥ୍ୟସେବା

ନୟାଗଡ଼ ଅଫିସ,୨।୧୦

- ଜୀବନ ହରାଉଛନ୍ତି ନବଜାତ ଶିଶୁଙ୍କ ସହ ମା’
- ଠିକ୍ ସମୀକ୍ଷା ନ ହେଲେ ରୋକି ହେବନାହିଁ ମାତୃ ଓ ଶିଶୁ ମୃତ୍ୟୁ

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ)ରେ ଗର୍ଭବତୀ ମହିଳା ସେବା ପାଉ ନ ଥିବା ଅଭିଯୋଗ ହେଉଛି। ଏପରିକି ଚିକିତ୍ସା ଅବହେଳାରୁ ମା ଓ ନବଜାତ ଶିଶୁ ପ୍ରାଣ ହରାଉଛନ୍ତି। ଠିକ୍ ସମୀକ୍ଷା ନ ହେଲେ ମା’ ଓ ନବଜାତ ଶିଶୁଙ୍କ ଜୀବନ ନିରାପଦ ନୁହେଁ ବୋଲି ଅଭିଯୋଗ ରହିଛି । ଏପରି ସ୍ଥିତି ଲାଗି ରହିଲେ ମାତୃ ଓ ଶିଶୁ ମୃତ୍ୟୁକୁ ରୋକି ହେବନି ବୋଲି ମତ ପ୍ରକାଶ ପାଇଛି । ଗୁରୁବାର ବେବର୍ତ୍ତପଲ୍ଲୀର ମା’ଓ ନବଜାତ ଶିଶୁଙ୍କର ମୃତ୍ୟୁ ପରେ ସାଧାରଣରେ ଭୟ ଘାରିଛି ।

ସୂଚନା ଅନୁଯାୟୀ, ଜିଲା ମୁଖ୍ୟ ଚିକିତ୍ସାଳୟରେ ୫ ଜଣ ସ୍ତ୍ରୀ ରୋଗ ବିଶେଷଜ୍ଞ ଥିବାବେଳେ ୨ଜଣ ଆନାସ୍ଥେସିଆ ବିଶେଷଜ୍ଞ ଅଛନ୍ତି। ହେଲେ ସେଠାରେ ଗର୍ଭବତୀ ମହିଳା ହଟହଟା ହୋଇ ଫେରୁଥିବା ଅଭିଯୋଗ ହେଉଛି । ମେଡିକାଲରେ ଭର୍ତ୍ତି ହେବା ପରେ ଅଧିକାଂଶ ମହିଳାଙ୍କ ଶରୀରରେ ଜଳାଭାବ ଦର୍ଶାଇ ଭୟଭୀତ କରାଯାଉଛି । ରୋଗୀଙ୍କ ପରିବାର ଭୟଭୀତ ହୋଇ ରେଫର ହୋଇଯାଉଛନ୍ତି । ଆଉ କେତେଜଣ ଗରିବ ଲୋକ ଭୟର ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ତେବେ ରେଫର ହେଉଥିବା ରୋଗୀଙ୍କୁ ବେସରକାରୀ ହସ୍ପିଟାଲରେ ସରକାରୀ ଡାକ୍ତର ଅପରେଶନ କରାଉଛନ୍ତି । ଏଣୁ ରେଫର କରାଇବା ପାଇଁ ଏକ ର୍‍ୟାକେଟ୍ କାମ କରୁଥିବା ଅଭିଯୋଗ ରହିଛି । ଏହି ର୍‍ୟାକେଟ୍‌ରେ କେତେଜଣ ଡାକ୍ତର, ନର୍ସ, ବେସରକାରୀ ହସ୍ପିଟାଲ କର୍ତ୍ତୃପକ୍ଷ ଥିବା ଅଭିଯୋଗ ହୋଇଛି ।

ଏ ନେଇ ଗଣିଆର ମଧୁସ୍ମିତା ସାହୁ କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ହାତଗୁଞ୍ଜା ନ ଦେଲେ ଗର୍ଭବତୀ ମହିଳାଙ୍କୁ ସେବା ମିଳୁନି । ଯିଏ ହାତଗୁଞ୍ଜା ଦେଲା ଭଲ ସେବା ପାଇଲା, ନ ଦେଲେ କଷ୍ଟ ଭୋଗିବାକୁ ପଡୁଛି। ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଲୋକମାନେ ଆଉ ଅଭିଯୋଗ କରିବାକୁ ଇଚ୍ଛା କରୁ ନାହାନ୍ତି। ନୟାଗଡ଼ ସହର ବେବର୍ତ୍ତାପଲ୍ଲୀର ଅଜିତ ନାୟକ କୁହନ୍ତି, ମୋ ସ୍ତ୍ରୀ ଲକ୍ଷ୍ମୀ ନାୟକଙ୍କ ଗୁରୁବାର ରାତିରେ ମୃତ୍ୟୁ ହୋଇଥିଲା। ପ୍ରଥମେ ମୋର ନବଜାତ ଶିଶୁପୁତ୍ରର ମୃତ୍ୟୁ ହୋଇଥିଲା । ଆମେ ଗରିବ ଲୋକ । କିଛି ଜାଣିନୁ । ମା’ଓ ପୁଅଙ୍କ ମୃତ୍ୟୁର କାରଣ ଆମକୁ କୁହାଯାଇନାହିଁ। ତେବେ ଚିକିତ୍ସାରେ ବିଳମ୍ବ ଯୋଗୁ ପୁଅ ଓ ମା’ଙ୍କର ମୃତ୍ୟୁ ହେଲା ବୋଲି ସେ ଅଭିଯୋଗ କରିଛନ୍ତି। ସିଡିଏମଓ ଶକ୍ତି ପ୍ରସାଦ ମିଶ୍ର କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ଏବେ ଭଲ ଗାଇନିକ୍ ଡାକ୍ତର ଅଛନ୍ତି । ଯଦି କୌଣସି ଅସୁବିଧା ହେଉଛି ଅଭିଯୋଗ କଲେ ତାହାର ନିରାକରଣ କରାଯିବ । ଗୁରୁବାର ମା’ଓ ନବଜାତ ଶିଶୁ ପୁତ୍ରର ମୃତ୍ୟୁ ଘଟଣାରେ ସେ କହିଛନ୍ତି, ମୃତ ମହିଳାଙ୍କୁ ଫିଡସ୍ ରୋଗ ଥିଲା । ଏଣୁ ପ୍ରଥମେ ନବଜାତ ଶିଶୁ ଓ ପରେ ମାର ମୃତ୍ୟୁ ହେଲା । ତଥାପି ମା’କୁ ବଞ୍ଚାଇବାକୁ ଚେଷ୍ଟା କରାଯାଇଥିଲା। ଲକ୍ଷ୍ମୀଙ୍କୁ ପ୍ରଥମେ ନୟାଗଡ଼ର ଏକ ବେସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଗୁରୁତର ହେବାରୁ ନୟାଗଡ଼ର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । ଏହାର ତଦନ୍ତ ଚାଲିଛି ବୋଲି ସେ କହିଥିଲେ । ଅନ୍ୟପକ୍ଷେ ମାତୃ ଓ ଶିଶୁ ମୃତ୍ୟୁକୁ ରୋକିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପ୍ରଚେଷ୍ଟା ଜାରି ରଖିଛି ।

# ଆଜାଦୀ କି ଅମୃତ ମହୋତ୍ସବ




ଶୋଭାଯାତ୍ରାରେ ସାମିଲ ଛାତ୍ରୀଛାତ୍ର।

ଖଣ୍ଡପଡ଼ା,୨।୧୦ (ସ୍ୱ.ପ୍ର.)

ଆଜାଦୀ କି ଅମୃତ ମହୋତ୍ସବ-୨୦ର ଅନ୍ତିମ ଦିବସ ଓ କ୍ଲିନ୍ ଇଣ୍ଡିଆର ଶୁଭାରମ୍ଭ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଶନିବାର ନୀଳମାଧବ ମହାବିଦ୍ୟାଳୟ ଏନ୍‌ଏନ୍‌ଏସ୍ ଯୁବ ରେଡକ୍ରସ ଓ ଏନ୍‌ସିସିର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ଶରତ କୁମାର ସାହୁ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନେହେରୁ ଯୁବକେନ୍ଦ୍ର ନୟାଗଡ଼ର ଅନୁରାଗ କୁମାର ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ପ୍ରାଧ୍ୟାପକ ଡ଼. ପବିତ୍ର କୁମାର ସୁବୁଦ୍ଧି, ଦୀନବନ୍ଧୁ ସାହୁ, ଉପାଧକ୍ଷ ଈଶ୍ୱର ଚନ୍ଦ୍ର ଦାଶ, ଅଧାପକ ସୁମନ୍ତ କୁମାର ଜେନା ଓ ଲକ୍ଷ୍ମୀଧର ଚିନରା ପ୍ରମୁଖ ଯୋଗଦେଇ ବାପୁଙ୍କ ଜୀବନ ଓ ଉତ୍ତମ ଚିନ୍ତାଧାରା ଆମକୁ ବହୁତ କିଛି ଶିକ୍ଷା ଦେଇଥାଏ ବୋଲି କହିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗାମ ଅଫିସର ହୃଷିକେଶ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ୫ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ଯୋଗଦେଇଥିବା ଅତିଥି ବୃନ୍ଦ ।

ନୟାଗଡ଼ ଅଫିସ,୨।୧୦

ଶନିବାର ଗାନ୍ଧୀ ଜୟନ୍ତୀ ଅବସରରେ ନୟାଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀ,ସୁଭାଷ ଚନ୍ଦ୍ର ବୋଷ, ଉତ୍କଳଗୌରବ ମଧୁସୁଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଛି । ନୟାଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ସମାଜ ଆନୁକୂଲ୍ୟରେ ଓ ଉତ୍କଳ ସ୍ୱାଭିମାନ ମଞ୍ଚର ସହଯୋଗରେ ପ୍ରତିଷ୍ଠିତ ଏହି ପ୍ରତିମୂର୍ତ୍ତିକୁ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଉନ୍ମୋଚନ କରିବା ସହ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଦର୍ଶନ ଉପରେ ଉଦ୍‌ବୋଧନ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକ, ଅନ୍ୟତମ ଅତିଥି ଭାବେ ଉତ୍କଳ ସ୍ୱାଭିମାନ ମଞ୍ଚ ରାଜ୍ୟ ସଭାପତି ରାଧାକାନ୍ତ ଦାଶ, ପୁରୀ ଶ୍ରୀମନ୍ଦିରର ପୂର୍ବତନ ପ୍ରଶାସକ ପ୍ରସନ୍ନ କୁମାର ହୋତା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବସନ୍ତ ନାୟକ, ନୟାଗଡ଼ ବ୍ଲକ ଶିକ୍ଷାଧିକାରୀ ନୀଳାମ୍ବର ତ୍ରିପାଠୀ,ବରିଷ୍ଠ ସାମାଜିକ କର୍ମୀ ପ୍ରମୋଦ କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଧାନୀ ବୃନ୍ଦାବନ ମହାପାତ୍ର, ଉତ୍କଳ ସ୍ୱାଭିମାନ ମଞ୍ଚ ସଦସ୍ୟ ଚଣ୍ଡେଶ୍ୱର ମହାପାତ୍ର, ବାସୁଦେବ ସାହୁ, ସତ୍ୟନାରାୟଣ ମିଶ୍ର ପ୍ରମୁଖ ଯୋଗ ଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପ୍ରାଥମିକ ଶିକ୍ଷକ ସମାଜ ପକ୍ଷରୁ ଶେଖ୍ ଅବଦୁଲ ଖାଲିକ, ଲକ୍ଷ୍ମୀଧର ସାହୁ, ସୁରେଶ ସେଠୀ, ଅଶୋକ ମଲ୍ଲ, ଉମେଶ ସ୍ୱାଇଁ, ରବିନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ଦାଶ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

# ୧୨୦ ମିଟର ତ୍ରିରଙ୍ଗା ଶୋଭାଯାତ୍ରା

ନୟାଗଡ଼ ଅଫିସ,୨।୧୦

ଗାନ୍ଧୀ ଜୟନ୍ତୀ ଅବସରରେ ନୟାଗଡ଼ ବ୍ଲକର ଇଟାମାଟିରେ ୧୨୦ ମିଟର ତ୍ରିରଙ୍ଗା ଶୋଭାଯାତ୍ରା ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିଲା । ଏଥିରେ ୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଯୁବକ ଓ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ । ଇଟାମାଟି ସରପଞ୍ଚ ସୋନାଲିକା ମନ୍ତନଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ନୟାଗଡ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁ ଯୋଗ ଦେଇ



୧୨୦ମିଟର ଜାତୀୟ ପତାକାକୁ ଶୋଭାଯାତ୍ରାରେ ନିଆଯାଉଛି।

ଗାନ୍ଧୀଙ୍କ ଜୀବନ ଶୈଳୀ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟ ଏକାଡେମୀ ସଦସ୍ୟ ଅଶୋକ କୁମାର ନାୟକ, ସମିତି ସଭ୍ୟା ବବିତା ଜେନା, ପୂର୍ବତନ ସରପଞ୍ଚ ଶ୍ରମଣ ରାମ, ବଣିକ ସଂଘ ସଭାପତି କିଶୋର ନାୟକ ପ୍ରମୁଖ ଯୋଗ ଦେଇ ଏହାକୁ ପରିଚାଳନା କରିଥିଲେ ।

# ବିଭିନ୍ନ ଦାବି ନେଇ ଶିକ୍ଷକଙ୍କ ଆମରଣ ଅନଶନ

ଆସିକା,୨।୧୦(ଡି.ଏନ.ଏ)

ଆସିକା ବ୍ଲକ ବେଣାପାଟସ୍ଥିତ ନୋଡାଲ ଉଚ୍ଚ ପ୍ରାଥମିକ ବିଦାଳୟର ଶିକ୍ଷକ ମନୋରଞ୍ଜନ ପାଢୀ ଓ ଶିକ୍ଷୟିତ୍ରୀ ମଞ୍ଜୁଲତା ଜେନା ବିଭିନ୍ନ ଦାବି ନେଇ ଶନିବାର ସକାଳୁ ଆସିକା ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଉଭୟ ଅନସନକାରୀଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣି କର୍ତ୍ତୃପକ୍ଷ ସେମାନଙ୍କୁ ମାନସିକ ଯନ୍ତ୍ରଣା ଦେଉଥିବା ଅଭିଯୋଗ କରାଯାଇଛି। ଏପରିକି ସଂପୃକ୍ତ ଶିକ୍ଷୟିତ୍ରୀଙ୍କ ୧୫ ମାସରୁ ଉର୍ଦ୍ଧ୍ୱ କାଳ ଧରି ବିନା କାରଣରେ ଦରମା ମଧ ବନ୍ଦ କରାଯାଇଥିବା ଓ ଉପସ୍ଥାନ ଖାତାରେ ଦସ୍ତଖତ କରିବା ମଧ ସୁଯୋଗ ଦିଆଯାଉନଥିବା ଅଭିଯୋଗ ହୋଇଛି। ଏହି ଦାବି ନେଇ ଗତ ମାର୍ଚ୍ଚ ୨୬ରେ ଏହି ଅନସନକାରୀମାନେ ଆସିକା ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣରେ ବସିଥିଲେ । କର୍ତ୍ତୃପକ୍ଷ ସେମାନଙ୍କ ଦାବି ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା। ତେବେ ଦୀର୍ଘଦିନ ବିତିଯାଇଥିଲେ ମଧ କର୍ତ୍ତୃପକ୍ଷ ଏଥିପ୍ରତି କୌଣସି ଦୃଷ୍ଟି ଦେଇନଥିବା ଅଭିଯୋଗ ହୋଇଛି । ଏତଦ ପରିସ୍ଥିତିରେ ସେମାନଙ୍କ ହକ ହାସଲ ହେବା ଯାଏ ଅନସନ ଚାଲୁ ରଖିବେ ବୋଲି ଅନସନକାରୀମାନେ ସ୍ପଷ୍ଟ କରିଛନ୍ତି । ଏ ସମ୍ପର୍କରେ ଆସିକା ବିଇଓ ଭାସ୍କର ଲେଙ୍କାଙ୍କୁ ପଚାରିବାରେ ଅନସନକାରୀ ଶିକ୍ଷକ ମନୋରଞ୍ଜନଙ୍କ ସମସ୍ତ ସମସାର ସମାଧାନ ହୋଇଯାଇଛି ଏବଂ ଶିକ୍ଷୟିତ୍ରୀଙ୍କୁ ମଧ ପୂର୍ବ ନିର୍ଦ୍ଦେଶ ମୁତାବକ କୌଣସି ଚିକିତ୍ସା ସମ୍ବନ୍ଧୀୟ ପ୍ରମାଣ ପତ୍ର ଦାଖଲ ନକରି କାର୍ଯ୍ୟରେ ଯୋଗଦେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟରେ ଯୋଗଦେବା ପରେ ତାଙ୍କର ବକେୟା ପ୍ରାପ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଲେ ମଧ ସେମାନେ ଏହାକୁ ବିଶୃଙ୍ଖଳା ସୃଷ୍ଟି କରୁଥିବା ବିଇଓ କହିଛନ୍ତି। ଅନ୍ୟପଟେ ଅନସନକାରୀ ଦ୍ୱୟଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ସେମାନଙ୍କୁ ଆସିକା ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

# ଆୟୁଷ ଡାକ୍ତରଙ୍କ ଅସହଯୋଗ ଆନ୍ଦୋଳନ

ଖଣ୍ଡପଡ଼ା,୨।୧୦(ସ୍ୱ.ପ୍ର.)

**ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ**

ଖଣ୍ଡପଡ଼ା, ଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆୟୁଷ ଡ଼ାକ୍ତରମାନେ ୪ଦଫା ଦାବି ନେଇ ଶନିବାରଠାରୁ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଫଳରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବାଧାପ୍ରାପ୍ତ ହୋଇଛି । ନିୟମିତ ଡାକ୍ତରଙ୍କ ଅଭାବ ଯୋଗୁ ଆୟୁଷ ଡ଼ାକ୍ତରମାନେ ରୋଗୀ ସେବା କରୁଥିଲେ । ଅନ୍ୟପକ୍ଷେ ସରକାରୀ ଡ଼ାକ୍ତରଖାନାରେ ଆୟୁଷ ଡାକ୍ତରମାନଙ୍କୁ ନିଯୁକ୍ତି ଦିଆଯାଇଥିଲେ ମଧ ଆବଶ୍ୟକ ଅନୁଯାୟୀ ଆୟୁଷ ଔଷଧ ଉପଲବ୍ଧ ହେଉ ନ ଥିବାରୁ ସେମାନେ ଏଲୋପାଥିକ ସେବା ପ୍ରଦାନ କରୁଥିଲେ । ଆୟୁଷ ଡ଼ାକ୍ତରମାନଙ୍କୁ ନିୟମିତ କର୍ମଚାରୀର ମାନ୍ୟତା ପ୍ରଦାନ, ପ୍ରତି ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁର୍ବେଦିକ ଓ ହୋମିଓପାଥିକ ବିଭାଗ ଖୋଲିବା, ମାସିକ ବେତନ ବୃଦ୍ଧି ଆଦି ୪ଦଫା ଦାବି ନେଇ ଆୟୁଷ ଡାକ୍ତର ରବିନ୍ଦ୍ର କୁମାର ସାହୁ, ଡ. ଶୁସ୍ମିତା ପଟ୍ଟନାୟକ, ଡ.ଏଲୋରା ଦାସ, ଡ.ମଧୁସ୍ମିତା ଦାଶ, ଡ. ଅରୁଣିମା ଦଳେଇ ପ୍ରମୁଖ ଆନ୍ଦୋଳନରେ ସାମିଲ ହେବା ସହିତ ତୁରନ୍ତ ସରକାର ଉପରୋକ୍ତ ସମସ୍ୟା ସମାଧାନ ପାଇଁ ଦାବି କରିଛନ୍ତି ।

# ନୟାଗଡ଼ରେ ଗାନ୍ଧୀ,ଶାସ୍ତ୍ରୀ ଜୟନ୍ତୀ

ନୟାଗଡ଼ ଅଫିସ,୨।୧୦

ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ତେବେ ଜିଲା ପ୍ରଶାସନ ପକ୍ଷରୁ ଶାସ୍ତ୍ରୀଙ୍କୁ ବାଦ୍ ଦେଇ କେବଳ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ସଂକୀର୍ତ୍ତନୀ ମଣ୍ଡଳୀଙ୍କ ଦ୍ୱାରା ଏକ ଶୋଭାଯାତ୍ରା ନୟାଗଡ଼ ଜଗନ୍ନାଥ ମନ୍ଦିରଠାରୁ ବାହାରି ସହର ପରିକ୍ରମା କରି ତ୍ରିନାଥ ଛକରେ ପହଞ୍ଚିଥିଲା। ସେଠାରେ ଉପଜିଲାପାଳ ଲଗ୍ନଜିତ୍ ରାଉତ୍ ଓ ବରିଷ୍ଠ ଅଧିକାରୀମାନେ ଗାନ୍ଧିଜୀଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ନୟାଗଡ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପରିପ୍ରେକ୍ଷୀରେ ପ୍ରଭାତ ଫେରି କରାଯାଇଥିଲା । ପ୍ରଭାତ ଫେରିକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ରଞ୍ଜୁଲତା ଲେଙ୍କା ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିବା ପରେ ସହର ପରିକ୍ରମା କରାଯାଇଥିଲା । ଏଥିରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ପ୍ରଚେତା ପ୍ରିୟଦର୍ଶିନୀ ମହାପାତ୍ର, ବରିଷ୍ଠ ପ୍ରାଧ୍ୟାପକ ଉମର ମଲ୍ଲିକ, ଆଇନଜିବୀ, ଗ୍ରାମୀଣ ଆଇନ ସହାୟତା କର୍ମୀ, ଛାତ୍ରୀଛାତ୍ର ଓ କୋର୍ଟ କର୍ମଚାରୀ ପ୍ରମୁଖ ଭାଗ ନେଇଥିଲେ । ଶେଷରେ ଜିଲା କୋର୍ଟ ସମ୍ମିଳନୀ କକ୍ଷରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ରଞ୍ଜୁଲତା ଲେଙ୍କାଙ୍କ ପୌରୋହିତ୍ୟରେ ସାଧାରଣ ସଭା ହୋଇଥିଲା । ଏଥିରେ ଗାନ୍ଧୀଙ୍କ ଅସାଧାରଣ ବ୍ୟକ୍ତିତ୍ୱ ଉପରେ ଆଲୋଚନା ହୋଇଥିଲା । ଅନ୍ୟପକ୍ଷେ ଗାନ୍ଧୀ ଜୟନ୍ତୀରୁ ଅକ୍ଟୋବର ୧୪ ପର୍ଯ୍ୟନ୍ତ ହେଉଥିବା ଆଇନ ସଚେତନତା ଶିବରକୁ ସଫଳ କରିବାକୁ ସେ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷେ ଶରଣକୁଳ ବାପୁଜୀ ସେବା ସଂଘରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି । ଏ ଅବସରରେ ପୂର୍ବତନ ଜିଲା ପରିଷଦ ସଭ୍ୟ ମଦନ ନନ୍ଦଙ୍କ ସଭାପତିତ୍ୱରେ ବରିଷ୍ଠ ଶିକ୍ଷାବିତ୍ କିଶୋର ଚନ୍ଦ୍ର ମିଶ୍ର, ଅଧ୍ୟାପକ ଶରଜ କୁମାର ଦାଶ, ଶରଣକୁଳ ସରପଞ୍ଚ ଜାମିନି ସାହୁ, ସମାଜିକ କର୍ମୀ ବିକ୍ରମ ଦାଶ, କୃଷ୍ଣଚନ୍ଦ୍ର ମହାପାତ୍ର, ଅରୁଣ ମହାରଣା, ଚାଷୀ ନେତା ପବିତ୍ର ଇନ୍ଦ୍ରଜିତ, କବି ଦୀନବନ୍ଧୁ ମହାପାତ୍ର, ପୂର୍ବତନ ସରପଞ୍ଚ ମିନାଖି ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# କୁଞ୍ଜବନଗଡ଼ ଲୋକକଳା ଗ୍ରାମର ବାର୍ଷିକୋତ୍ସବ




ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିମାନେ।

ଦଶପଲ୍ଲା,୨।୧୦ (ଡି.ଏନ.ଏ.)

୨୦୧୮ରେ ଦଶପଲ୍ଲାର କୁଞ୍ଜବନଗଡ଼କୁ ଲୋକକଳା ଗ୍ରାମର ମାନ୍ୟତା ମିଳିଥିଲା । ଏହାକୁ ନେଇ ସ୍ଥାନୀୟ ଲୋକେ ଲୁକ୍କାୟିତ ଲୋକକଳାର ବିକାଶ ହେବ ବୋଲି ଆଶା କରିଥିଲେ । ହେଲେ କେବଳ କାନ୍ଥ ବାଡକୁ ଚିତ୍ର ବିଚିତ୍ର କରାଯିବା ଛଡା ବିଶେଷ କିଛି କାମ ହୋଇ ନାହିଁ। ଶନିବାର କୁଞ୍ଜବନଗଡ଼ ଲୋକକଳା ଗ୍ରାମର ମାନ୍ୟତା ପାଇବାର ୩ୟ ବାର୍ଷିକୀ ଉତ୍ସବ ପାଳନ କରାଯାଉଛି। ଏଥିରେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପ-ଜିଲାପାଳ ଲଗ୍ନଜିତ୍ ରାଉତ, ମୁଖ୍ୟବକ୍ତା ଡ. ପ୍ରମୋଦ କୁମାର ନାୟକ, ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ପୂର୍ବତନ ଏନ୍‌ଏସି ଅଧକ୍ଷା ବବିତା ସାହୁ, ପୂର୍ବତନ ତହସିଲଦାର ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲା ଲୋକକଳା ଉପାଧକ୍ଷ ଶରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ ଲୋକକଳା ପ୍ରଦର୍ଶନ କରାଯିବା ସହ ୧୫ଜଣ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୌରାଞ୍ଚଳ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବବ୍ରତ କର ସ୍ୱାଗତ ଭାଷଣ ଦେଇ ଥିବା ବେଳେ ଆଇନଜୀବୀ ଦିଲ୍ଲୀପ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

# ନଜର ଆଢୁଆଳରେ ଶ୍ରୀନୀଳମାଧବ ଜୀଉଙ୍କ ଦଶହରା ପଡ଼ିଆ

ଖଣ୍ଡପଡ଼ା,୨।୧୦ (ସ୍ୱ.ପ୍ର.)

ପୁରୀ ଶ୍ରୀମନ୍ଦିର ପୂଜାନୀତି ସହ ପୁରାଣ ପ୍ରସିଦ୍ଧ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉ ମନ୍ଦିରର ସାମଞ୍ଜସ୍ୟ ରହିଛି। ଏହି କାରଣରୁ ଶ୍ରୀମନ୍ଦିରରେ ପାଳିତ ହେଉଥିବା ବିଭିନ୍ନ ଯାନିଯାତ୍ରା ମଧ ଏଠାରେ ପାରମ୍ପରିକ ରୀତିରେ ସମ୍ପନ୍ନ ହୋଇଥାଏ । ବିଶେଷକରି ବର୍ଷର ଗୋଟିଏ ଦିନ ଠାକୁର ପରମ୍ପରାକ୍ରମେ ଦଶହରା ଅନୁକୂଳ ପାଇଁ ଦଶହରା ପଡ଼ିଆକୁ ବିଜେ କରିଥା’ନ୍ତି। ମାତ୍ର ଐତିହ୍ୟସମ୍ପନ୍ନ ଏହି ଦଶହରା ପଡ଼ିଆ ଏବେ ପ୍ରଶାସନିକ ନଜର ଆଢୁଆଳରେ ରହିଛି। ସମ୍ପ୍ରତି ଏହା ସର୍ବସାଧାରଣଙ୍କ ଶୌଚ କାମରେ ବ୍ୟବହାର ହେଉଛି। ଏଠାରେ ଅନାବନା ଗଛ ଉଠି ଆବର୍ଜନା ପୂର୍ଣ୍ଣ ହେଇଛି।

କଣ୍ଟିଲୋସ୍ଥିତ ମହାନଦୀ ଓ କମେଇ ନଦୀର ସଂଯୋଗ ସ୍ଥଳରେ ରାଜରାଜୁଡ଼ା ଅମଳରୁ ଯୁଦ୍ଧ କୌଶଳର ଅଭ୍ୟାସ ପାଇଁ ଏକ ପଡ଼ିଆ ରହିଥିଲା। ଏଥିପାଇଁ ଖଣ୍ଡାୟତ, ପାଇକମାନେ ମହାନଦୀ ଓ କମେଇ ନଦୀ ସଙ୍ଗମ ସ୍ଥଳରେ ଦଶହରାରେ ଶ୍ରୀନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମାକୁ ବିଜେ କରାଇ ରଣ କୌଶଳ ଶିକ୍ଷାର ଶୁଭାରମ୍ଭ କରୁଥିଲେ। ମାତ୍ର କାଳକ୍ରମେ ସମ୍ପୃକ୍ତ ସମ୍ପ୍ରଦାୟ ଲୋପ ପାଇଯାଇଥିବା ବେଳେ ପରମ୍ପରାକ୍ରମେ ଦଶହରାରେ ଠାକୁର ଏହି ଦଶହରା ପଡ଼ିଆକୁ ସନ୍ଧ୍ୟାଧୂପ ପରେ ପାଟପଟୁଆର ସହିତ ବିଜେ କରିଥା’ନ୍ତି। ଠାକୁରଙ୍କ ଏହି କାର୍ଯ୍ୟକ୍ରମକୁ ସୁସଙ୍ଗଠିତ କରିବାରେ ତଥା ସୁପରିଚାଳନା ପାଇଁ ଦେବୋତ୍ତର ବିଭାଗ ରହିଥିଲେ ହେଁ ଜଳ ସମ୍ପଦ ବିଭାଗ ଓ ବିଦ୍ୟୁତ୍ ବିଭାଗ ଏହି କାର୍ଯ୍ୟକ୍ରମରେ ଆନ୍ତରିକ ସହଯୋଗ କଲେ ଠାକୁର ଅନ୍ଧାର ରାତିରେ ସୁରକ୍ଷିତ ଭାବେ ପଡ଼ିଆକୁ ବିଜେ ହୋଇପାରନ୍ତେ। ଫକୀରଅତବୁଦ୍ଧିପାଟଣାଠାରୁ କମେଇ ନଦୀ ପର୍ଯ୍ୟନ୍ତ ମାଳବନ୍ଧର ଦୂରତା ମାତ୍ର ୪୮୦ ମିଟର। ଏହି ମାଳବନ୍ଧର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହା

**ସର୍ବସାଧାରଣଙ୍କ ଶୌଚ କାମରେ ବ୍ୟବହୃତ**



ଅବହେଳିତ ଭାବେ ପଡ଼ିଥିବା ଦଶହରା ପଡ଼ିଆ।

କ୍ରମଶଃ ସଂକୁଚିତ ହେବାରେ ଲାଗିଛି। ଉକ୍ତ ମାଳବନ୍ଧର ଉପରି ଭାଗ ବିଭିନ୍ନ ସମୟରେ ମରାମତି କରାଯାଉଥିବା ବେଳେ ସମ୍ପ୍ରତି ଏହି ରାସ୍ତା ଉପରୁ ମେଟାଲ ମୋରମ ଖସି ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଅପରପକ୍ଷରେ ବର୍ଷର ମାତ୍ର ଗୋଟିଏ ଦିନ ଅର୍ଥାତ୍ ଠାକୁର ଦଶହରାରେ ଏହି ମାଳବନ୍ଧ ଦେଇ ଦଶହରା ପଡ଼ିଆକୁ ବିଜେ ହେବା ସମୟରେ ବିଦ୍ୟୁତ୍ ଆଲୋକର ବ୍ୟବସ୍ଥା କଲେ ଉଚିତ ହୁଅନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଠାକୁର ବର୍ଷର ଗୋଟିଏ ଦିନ ଦଶହରା ପଡ଼ିଆକୁ ଆସୁଥିବାରୁ ବର୍ଷର ଅନ୍ୟ ଦିନମାନଙ୍କରେ ଏହା ଅପରିଷ୍କାର ହୋଇ ପଡ଼ିରହିଛି। ଆସନ୍ତା ଅକ୍ଟୋବର ୧୫ରେ ଠାକୁର ଏହି ସ୍ଥାନକୁ ବିଜେ କରିବେ। ଏଥିପାଇଁ ଉକ୍ତ ସ୍ଥାନର ସଫାସୁତୁରା ସହ ମାଳବନ୍ଧର ରକ୍ଷଣାବେକ୍ଷଣର ଆବଶ୍ୟକତା ରହିଛି। ଏ ସମ୍ପର୍କରେ କଣ୍ଟିଲୋ ଜଳ ସଂପଦ ବିଭାଗୀୟ ସହକାରୀଯନ୍ତ୍ରୀ ରାମ ମୋହନ ବେହେରାଙ୍କୁ ପଚାରିବାରେ ମାଳବନ୍ଧର ଆବଶ୍ୟକ ମରାମତି ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୩ ଅକ୍ଟୋବର , ୨୦୨୧



## ବାର୍‌ହା ଆକ୍ରମଣରେ ଦିବ୍ୟାଙ୍ଗ ଯୁବକ ଗୁରୁତର

ଗଞ୍ଜାମ,(ଡି.ଏନ.ଏ.): ଗଞ୍ଜାମ ବ୍ଲକ ରମ୍ଭା ଥାନା ବୋରିଗାଁ ଗ୍ରାମର ଦିବ୍ୟାଙ୍ଗ ଯୁବକ ରାଜୁ ଛଟେଇ (୩୫) ଶନିବାର ବାରହା ଆକ୍ରମଣରେ ଗୁରୁତର ହୋଇଛନ୍ତି। ରାଜୁ ଗାଈ ଚରେଇବାକୁ ଗାଁ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ଗାଈକୁ ବାରହା ଗୋଡ଼ାଇଥିଲା। ରାଜୁ ଧରିଥିବା ଠେଙ୍ଗାରେ ବାରହାକୁ ଘଉଡ଼ାଇ ଦେଇଥିଲେ। କିନ୍ତୁ ସନ୍ଧ୍ୟାରେ ରାଜୁ ପୁଣି ଗାଈ ଆଣିବାକୁ ଜଙ୍ଗଲକୁ ଯିବା ସମୟରେ କିଆବୁଦାରୁ ହଠାତ୍ ବାର୍‌ହା ବାହାରି ରାଜୁଙ୍କ ପେଟ, ଛାତି ଓ ବେକକୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ଗ୍ରାମବାସୀ ରାଜୁଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଛନ୍ତି।

# ବନ୍ୟପ୍ରାଣୀ କ୍ଷତିପୂରଣ ସହାୟତା ପାଇଁ ଅନୁକମ୍ପା ଆପ୍

**ଭଞ୍ଜନଗର,୨।୧୦(ଡି.ଏନ.ଏ)**

ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଜଙ୍ଗଲ ସୁରକ୍ଷା ଏବଂ ଲୋକଙ୍କୁ ସହାୟତା ପାଇଁ ଗୋଟିଏ ପରେ ଗୋଟିଏ ନୂଆ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରାଯାଉଛି। ଏହି ପରିପ୍ରେକ୍ଷୀରେ ସେପ୍ଟେମ୍ବରରୁ ଜଙ୍ଗଲ ବିଭାଗ ଆଉ ଏକ ନୂଆ ଅନୁକମ୍ପା ଆପ୍ ଆଣିଛି । ଏଣିକି ବନ୍ୟପ୍ରାଣୀ ଦ୍ୱାରା ଯେ କୌଣସି କ୍ଷତି ହେଲେ ହିତାଧିକାରୀମାନେ ଅନୁକମ୍ପା ଆପ୍ ମାଧ୍ୟମରେ ଅନ୍‌ଲାଇନରେ ଆବେଦନ କରିବେ। ଏହାପରେ ରେଞ୍ଜର ଏବଂ ଡିଏଫ୍‌ଓ ପ୍ରାୟ ୧୦ ଦିନ ମଧ୍ୟରେ ଘଟଣାର ଯାଞ୍ଚକରି ଯୋଗ୍ୟ ହିତାଧିକାରୀଙ୍କ ରିପୋର୍ଟ ପିସିସିଏଫ୍‌ଙ୍କୁ ଦେବେ। ପିସିସିଏଫ୍‌ଙ୍କ ଅନୁମୋଦନ ପରେ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଆସିବ। ପୂର୍ବରୁ ବନ୍ୟପ୍ରାଣୀଙ୍କ ଦ୍ୱାରା ଫସଲ କ୍ଷତି, ଲୋକେ ଆହତ କିମ୍ବା ମୃତାହତ ହେଲେ ହିତାଧିକାରୀମାନେ କ୍ଷତିପୂରଣ ପାଇବା ପାଇଁ ବାରମ୍ବାର ବନ ବିଭାଗ କାର୍ଯ୍ୟାଳୟକୁ ଦୌଡୁଥିଲେ। ବିଭିନ୍ନ ସମୟରେ ହିତାଧିକାରୀଙ୍କୁ କ୍ଷତିପୂରଣ ମିଳୁ ନ ଥିଲା, ଯାହାକୁ ନେଇ ବେଳେବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିଲା। ଆଗାମୀ ଦିନରେ ଏହାର ପୁନରାବୃତ୍ତି ହେବନାହିଁ ବୋଲି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଆଶା



ବନ୍ୟପ୍ରାଣୀ ସୁରକ୍ଷା ନେଇ ଲୋକଙ୍କୁ ସଚେତନତା କରାଯାଉଛି।

**■ଘୁମୁସର ବନଖଣ୍ଡରେ ୮୨ ହାତୀ**
**■ବିପଦ ଆଶଙ୍କାରେ ବିଦ୍ୟୁତ୍ କାଟ୍**

ରଖିଛନ୍ତି। ବର୍ତ୍ତମାନ ବନ୍ୟପ୍ରାଣୀ ଜଙ୍ଗଲରୁ ବାହାରି ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ବିଭିନ୍ନ ଫସଲ ନଷ୍ଟ କରୁଛନ୍ତି। ଏଥିରେ ଲୋକେ ଯେଭଳି ଉତ୍‌କ୍ଷିପ୍ତ ନ ହୋଇ ସେମାନଙ୍କ ସୁରକ୍ଷା କରିବେ ସେଥିପାଇଁ ବିଭାଗ ପକ୍ଷରୁ ଶନିବାରଠାରୁ ଆରମ୍ଭ ହୋଇଥିବା ବନ୍ୟପ୍ରାଣୀ ସପ୍ତାହ ଅବସରରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନ କରାଯାଉଛି। ଉତ୍ତର ଘୁମୁସର ବନଖଣ୍ଡର ସମସ୍ତ ରେଞ୍ଜରେ ଶନିବାରଠାରୁ ସପ୍ତାହେ ବ୍ୟାପୀ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଉତ୍ତର ଘୁମୁସର ବନଖଣ୍ଡ ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡରେ ଶନିବାର ସୁଦ୍ଧା ୮୨ ହାତୀ ଥିବା ଜଣାପଡ଼ିଛି। ସେମାନଙ୍କୁ ବିପଦରୁ ରକ୍ଷା କରିବା ପାଇଁ ଦୁଇ ବନଖଣ୍ଡର କେତେକ ଅଞ୍ଚଳରେ ସନ୍ଧ୍ୟା ହେଲେ ବିଦ୍ୟୁତ୍ କାଟ ହେଉଛି। ହାତୀ ମୃତ୍ୟୁକୁ ରୋକିବା ପାଇଁ ପିସିସିଏଫ୍ ଏହି ଦୁଇ ବନଖଣ୍ଡ ଅଧିକାରୀଙ୍କୁ ଶୁକ୍ରବାର କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ସୁଦ୍ଧା ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡରେ ଗୋଟିଏ ଦନ୍ତା ହାତୀ,ତାରସିଂରେ ୧୨, ଜଗନ୍ନାଥପ୍ରସାଦରେ ୨୦, ଗାଲେରୀ ରେଞ୍ଜରେ ୧୬ ଏବଂ କେନ୍ଦ୍ରୀୟ ବନାଞ୍ଚଳରେ ୧୦ ହାତୀ ଅଛନ୍ତି। ସେହିଭଳି ଦକ୍ଷିଣ ଘୁମୁସର ବନଖଣ୍ଡର ବୁଗୁଡ଼ା ରେଞ୍ଜରେ ୧୧ ଏବଂ ସୋରଡ଼ା ରେଞ୍ଜରେ ୧୨ ହାତୀ ରହିଛନ୍ତି। ଏନେଇ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଦିଲୀପ କୁମାର ରାଉତଙ୍କ ସହ ଯୋଗାଯୋଗ କରିବାରୁ ବିଦ୍ୟୁତ୍ ତାର ନିର୍ଦ୍ଧାରିତ ଉଚ୍ଚତାରେ ଥିଲେ ମଧ୍ୟ ଅଘଟଣକୁ ଏଡ଼ାଇବା ପାଇଁ ପାୱାର କଟ୍ ପାଇଁ ବେଳେବେଳେ ନିଷ୍ପତ୍ତି ନିଆଯାଉଛି ବୋଲି ସେ କହିଛନ୍ତି। ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇଙ୍କ ସହ ଯୋଗାଯୋଗ କରିବାରୁ ଅନୁକମ୍ପା ଆପ୍‌ରେ ଲୋକେ ଆବେଦନ କରୁଛନ୍ତି। ବନ୍ୟପ୍ରାଣୀ ଏବଂ ଚାଷୀଙ୍କ ଫସଲ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଉଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ଆପ୍ ଦ୍ୱାରା କର୍ମଚାରୀଙ୍କ ମଧ୍ୟରେ ସ୍ୱଚ୍ଛତା ବଢ଼ିବା ସହ ଜନସାଧାରଣ ତା'ର ସୁଫଳ ପାଉଛନ୍ତି। ଚଳିତ ବର୍ଷଠାରୁ ଚାରାରୋପଣ ପୂର୍ବରୁ ଏବଂ ଚାରାରୋପଣ ପରେ ଜିପିଏସ୍ ରିଙ୍ଗିଂ ମାଧ୍ୟମରେ ଫଟୋ ନିଆଯାଇ ମୋ ଜଙ୍ଗଲ ପୋର୍ଟାଲରେ ଅପ୍‌ଲୋଡ୍ କରାଯାଉଛି। ଗତବର୍ଷ ଉକ୍ତ ଜ୍ଞାନକୌଶଳ ପରୀକ୍ଷାମୂଳକ ଭାବେ ବ୍ୟବହାର କରାଯାଇଥିଲା। ଚଳିତବର୍ଷ ଏହା ଶତପ୍ରତିଶତ ବ୍ୟବହାର କରାଯାଇଛି। ଏହାଦ୍ୱାରା ପୂର୍ବ ଅପେକ୍ଷା ଚାରାରୋପଣରେ ଦୁର୍ନୀତି କମିଛି। ଏହିଭଳି ଜ୍ଞାନକୌଶଳ ଓଡ଼ିଶା ସରକାର ଦେଶରେ ପ୍ରଥମ ଥର ପାଇଁ ବ୍ୟବହାର କରିଥିବା ଯୋଗୁ ତାକୁ କେନ୍ଦ୍ର ସରକାର ମଧ୍ୟ ପ୍ରଶଂସା କରିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ଗୋପାଳପୁର,୨।୧୦(ଡି.ଏନ.ଏ.): ଗୋପାଳପୁର ଥାନା ପୋଲିସ ଶନିବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ମଦନମୋହନପୁର ଗ୍ରାମର ଏମ୍. ଶାନ୍ତି (୨୭)। ଗୋଳନ୍ଥରା ଥାନା ମଦନମୋହନପୁରର ଜି.ବୁଡୁଗା ସେହି ଗ୍ରାମର ଶାନ୍ତିଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠି ଗତ ୪ ମାସ ତଳେ ଉଭୟେ ବିବାହ କରିଥିଲେ। ଉଭୟେ ଏହି ଥାନା ସାନକୁଶସ୍ଥଳୀ ଗାଁରେ ଭଡ଼ାଘରେ ରହୁଥିଲେ। ଶୁକ୍ରବାର କୌଣସି କାର୍ଯ୍ୟ ନେଇ ବୁଡୁଗା ନିକଟସ୍ଥ ବଜାରକୁ ଆସିଥିବା ବେଳେ ତାଙ୍କ ସ୍ତ୍ରୀ ଶାନ୍ତି ବେକରେ ଚୁନି ଲଗାଇ ଆତ୍ମହତ୍ୟା କରିଥିଲେ। ବୁଡୁଗା ଘରକୁ ଆସି ସ୍ତ୍ରୀଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏ ନେଇ ନଂ. ୨୦/୨୧ରେ ମାମଲା ରୁଜୁ ହୋଇଛି।

### ଶାଗୁଆନ କାଠଗଣ୍ଡି ଜବତ

**ଭଞ୍ଜନଗର,୨।୧୦(ଡି.ଏନ୍.ଏ):** କେନ୍ଦ୍ରୀୟ ବନାଞ୍ଚଳ ପାଲକସନ୍ଧ ଗ୍ରାମର ଜଣଙ୍କ ଘରୁ ବନ ବିଭାଗ କର୍ମଚାରୀ ଶନିବାର ବିପୁଳ ପରିମାଣର ଶାଗୁଆନ କାଠଗଣ୍ଡି ଓ ପଟା ଜବତ କରିଛନ୍ତି। ଚଢ଼ାଉର ନେତୃତ୍ୱ ଏସିଏଫ୍ ସୁଦର୍ଶନ ବାଦୀ, ରେଞ୍ଜର କୁମାର ବେହେରା ନେଇଥିଲେ।

### ବ୍ୟାଙ୍କ ଅଧିକାରୀ, ବରିଷ୍ଠ ନାଗରିକଙ୍କ ମିଳିତ ବୈଠକ

ବୁଗୁଡ଼ା,୨।୧୦(ଡି.ଏନ୍.ଏ.): ବୁଗୁଡ଼ା ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାଖା ପରିଚାଳକ ପବିତ୍ର କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସହ ଶାଖା ପରିଚାଳକ ମନିଷ୍ କୁମାର ମୀନା ଉପସ୍ଥିତ ରହି ବରିଷ୍ଠ ନାଗରିକମାନଙ୍କୁ କିପରି ବ୍ୟାଙ୍କସେବା ସୁବିଧାରେ ଯୋଗାଇ ଦିଆଯାଇପାରିବ ସେ ନେଇ ମତାମତ ଲୋଡ଼ିଥିଲେ। ବୈଠକରେ ବଳଦେବ ସ୍ୱାମୀ ବରିଷ୍ଠ ନାଗରିକ ଟ୍ରଷ୍ଟ ଅଧ୍ୟକ୍ଷ ଗଙ୍ଗାଧର ବିଷୋୟୀ, ସମ୍ପାଦକ ଟି. ସତ୍ୟନାରାୟଣ ପାତ୍ର, ବିପ୍ର ଚରଣ ପାଣିଗ୍ରାହୀ, ଭିକାରୀ ଜେନା, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

ପୁରୁଷୋତ୍ତମପୁର,୨।୧୦(ଡି.ଏନ୍.ଏ.): ପୁରୁଷୋତ୍ତମପୁର ଏନ୍‌ଏସିରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଶନିବାର ପୂର୍ବତନ ନଗରପାଳ ବାସୁଦେବ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଜିଲା ପରିଷଦ ଉପାଧ୍ୟକ୍ଷା ସ୍ନେହଲତା, ଦୈତାରୀ ବେହେରା, ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ପଣ୍ଡା, ଉପାଧ୍ୟକ୍ଷା ବବିତା ରାଉଳ, ମହିଳା ବିଜେଡି ସଭାନେତ୍ରୀ ଅଞ୍ଜଳି ସାହୁ, ସରକାରୀ ଓକିଲ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ସୀତାରାମ ପାଣିଗ୍ରାହୀ, ଜିଲା ବିଜେଡି ସାଧାରଣ ସମ୍ପାଦକ ଅଶୋକ କୁମାର ମହାଙ୍କୁଡ଼ ପ୍ରମୁଖ ଯୋଗଦେଇଥିଲେ।

### ଜନ ସଚେତନତା ଅଭିଯାନ

ପୋଲସରା,୨।୧୦(ଡି.ଏନ.ଏ.): ପୋଲସରା ବ୍ଲକ ଲକ୍ଷ୍ମଣପଲ୍ଲୀ ଗ୍ରାମ ଓ ମଧୁପଲ୍ଲୀ ପଞ୍ଚାୟତରେ ଜନସଚେତନତା ଅଭିଯାନ ଓ ବିଭିନ୍ନ ସମାଜ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଲକ୍ଷ୍ମଣପଲ୍ଲୀ ଗ୍ରାମର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଥିଲେ। ଏହି ଅବସରରେ ସ୍ୱଚ୍ଛତାକୁ ନେଇ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମଧୁପଲ୍ଲୀ ଗ୍ରାମ ସ୍ୱଚ୍ଛତାକୁ ନେଇ ବିଧାୟକ ସାହୁ ଜନସାଧାରଣଙ୍କୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ।

## ବୁଢ଼ୀ ଠାକୁରାଣୀଙ୍କ ଶାରଦୀୟ ଯାତ୍ରା ପ୍ରସ୍ତୁତି

**ଦିଗପହଣ୍ଡି,୨।୧୦(ଡି.ଏନ୍.ଏ.)**

ଦିଗପହଣ୍ଡି ସହରର ଆରାଧ୍ୟା ମା' ବୁଢ଼ୀ ଠାକୁରାଣୀଙ୍କ ଶାରଦୀୟ ଯାତ୍ରା ମହୋତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ବଜାର ଗାନ୍ଧୀ ଛକଠାରେ ଅସ୍ଥାୟୀ ଯାତ୍ରାପୀଠରେ ଶୁଭଖମ୍ବ ସ୍ଥାପନ କରାଯାଇଛି। ସରକାରଙ୍କ କୋଭିଡ୍ କଟକଣାର ସମସ୍ତ ନୀତି ନିୟମ ଅନୁପାଳନ ପୂର୍ବକ ଚଳିତବର୍ଷ ଅସ୍ଥାୟୀ ଯାତ୍ରାପୀଠରେ ଆଶ୍ୱିନ କୃଷ୍ଣପକ୍ଷ ମହାସପ୍ତମୀ ତିଥିଠାରୁ ପୂର୍ଣ୍ଣମୀ ତିଥିଯାଏ ୮ ଦିନ ବ୍ୟାପୀ କେବଳ ମା'ଙ୍କ ସେବାପୂଜା ମଣୋହି ନୀତିକାନ୍ତି କରାଯିବ। ପରମ୍ପରା ଅନୁଯାୟୀ ସାହି ବସ୍ତିକୁ ମା'ଙ୍କ ଘଟ ପରିକ୍ରମା କିମ୍ବା କୌଣସି ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ନାହିଁ। ସ୍ଥାନୀୟ ପୋଲିସ ପ୍ରଶାସନର ନିର୍ଦ୍ଦେଶ ଓ ପରାମର୍ଶ ପ୍ରକାରେ ମା'ଙ୍କ ଯାତ୍ରା କାର୍ଯ୍ୟକ୍ରମ କରାଯିବ ବୋଲି ଯାତ୍ରା କମିଟି ସଭାପତି କୁରେଶୁ ମହାରଣା, ସମ୍ପାଦକ ପ୍ରଭାକର ରେଡ୍ଡୀ, କାର୍ଯ୍ୟକର୍ତ୍ତା ଅର୍ଦ୍ଧୁ, ଗୋବିନ୍ଦ, ବିକାଶ ପଶୁପାଳକ, କେ.କୁନା, ଶିବ ଶଙ୍କର ମହାଙ୍କୁଡ଼, ଦୁର୍ଗା ମେକାପ ପ୍ରମୁଖ ଯାତ୍ରା ପରିଚାଳନା କମିଟି ସଭ୍ୟବୃନ୍ଦ ଜଣାଇଛନ୍ତି।

## ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ବିଭିନ୍ନ କାର୍ଯ୍ୟ ପରିଦର୍ଶନ

**ଗୋପାଳପୁର/ପୁରୁଷୋତ୍ତମପୁର/ଶେରଗଡ (ଡି.ଏନ.ଏ.),୨।୧୦**

ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଶନିବାର ଗଞ୍ଜାମ ଜିଲାର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ରଙ୍ଗେଇଲୁଣ୍ଡା ବ୍ଲକ ଚାନ୍ଦପୁର ପଞ୍ଚାୟତରେ ହୋଇଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ ସହ ସମୀକ୍ଷା କରିଥିବା ଜଣାପଡ଼ିଛି। ପୂର୍ବାହ୍ନରେ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଡାକୁଆ, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ମ୍ୟୁନିସିପାଲିଟି କର୍ପୋରେଶନ୍ କମିଶନର ଡ. ସିଦ୍ଧେଶ୍ୱର ବଳିରାମ ବନ୍ଦୋର, ପିଡି ଦତ୍ତାତ୍ରେୟ ଭାଉସାହେବ, ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତିଭାସନ, ରଙ୍ଗେଇଲୁଣ୍ଡା ବିଡିଓ ପ୍ରସନ୍ନ କୁମାର ପାତ୍ର, ପ୍ରୋବେସନ ଆଇଏଏସ୍ ଅଫିସର ମଧୁମିତା ଓ ଅନ୍ୟ ଅଧିକାରୀମାନେ ପଞ୍ଚାୟତ ଗସ୍ତ କରି ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାର୍ଯ୍ୟ କିଭଳି ଚାଲିଛି, ସେ ନେଇ ସମୀକ୍ଷା କରିବା ସହ ମିଶନ ଶକ୍ତି ଓ ଜୀବିକା ମିଶନର ଅଙ୍ଗନୱାଡ଼ି କେନ୍ଦ୍ର, ନୂତନ ପଞ୍ଚାୟତ କାର୍ଯ୍ୟାଳୟ କୋଠା ଓ ଅନ୍ୟ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଏହି ଅବସରରେ କନିଷ୍ଠ ଯନ୍ତ୍ରୀ ସରିତା ବେହେରା, ଓଏସ୍‌ଡି ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପୁରୁଷୋତ୍ତମପୁର ବ୍ଲକ ବଡ଼ଖରିଡ଼ା କାଳେଶ୍ୱର ମନ୍ଦିର ପରିସରରେ ଅତ୍ୟାଧୁନିକ ଶୈଳୀରେ ନିର୍ମିତ ମଡେଲ ପାର୍କକୁ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ପରିଦର୍ଶନ କରିଛନ୍ତି। ସେହିପରି ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଶେରଗଡ଼ ବ୍ଲକରେ ପହଞ୍ଚି କୁମାରପାଣି ଓ କରଡ଼ାକଣା ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟ ବୁଲି ଦେଖିଛନ୍ତି । ଉକ୍ତ ପରିଦର୍ଶନରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ରାଏ, ମନୋଜ କୁମାର ବେହେରା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ କେଦାର ନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଗୋପାଳପୁରରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ପରିଦର୍ଶନ କରୁଛନ୍ତି ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ।

## ଗଜପତିରେ ବୃଦ୍ଧି ପାଉଛି ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା

**ପାରଳାଖେମୁଣ୍ଡି,୨।୧୦(ଡି.ଏନ୍.ଏ.)**

ଗଜପତି ଜିଲାରେ ଦିନକୁଦିନ ବୃଦ୍ଧି ପାଉଛି ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା। ବାତ୍ୟା ଗୁଲାବ ପରେ ଜିଲାରେ ଏବେ ଡେଙ୍ଗୁ ଆତଙ୍କ। ବିଭିନ୍ନ ରାସ୍ତା କଡ଼ରେ, ତଳି ଅଞ୍ଚଳ ଓ ଖାଲଖମାରେ ପାଣି ଜମି ରହି ପରିବେଶ ଦୂଷିତ ହେବା କାରଣରୁ ମଶାଙ୍କ ପ୍ରାଦୁର୍ଭାବ ବଢ଼ିଛି। ଯାହା ଫଳରେ କିଛି ଦିନ ମଧ୍ୟରେ ଜିଲାରେ ୯୦ରୁ ଅଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହେଲେଣି। ଏମାନଙ୍କ ମଧ୍ୟରୁ ୫୬ ଜଣ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଚିହ୍ନଟ ହୋଇଥିବା ବେଳେ ୩୩ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ତେବେ ଏହା ସରକାରୀ ଭାବରେ ହୋଇଥିବା ବେଳେ ବେସରକାରୀ ଭାବେ ଏହାର ସଂଖ୍ୟା ଦୁଇଗୁଣ ହେବ। ତେବେ ଜିଲାରେ ଡେଙ୍ଗୁରୋଗୀଙ୍କ ଚିକିତ୍ସାର ବ୍ୟବସ୍ଥା କିଛି ନଥିବା ଯୋଗୁ ଲୋକେ ପଡ଼ୋଶୀ ଆନ୍ଧ୍ର, ବ୍ରହ୍ମପୁର ମେଡିକାଲକୁ ଯାଉଛନ୍ତି। ଶତାଧିକ ରୋଗୀ ଚିହ୍ନଟ ହୋଇଥିଲେ ସୁଦ୍ଧା ଏଯାଏ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ୱାର୍ଡ ଖୋଲାଯାଇ ନାହିଁ। ଏନେଇ ତଳସ୍ତରରୁ ଜନସଚେତନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ଏବଂ ସ୍ଥିତି ଉପରେ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଦୀପ କୁମାର ପାତ୍ର କହିଛନ୍ତି।

## ବିଧାୟକଙ୍କ ସ୍ମାର୍ଟ ସ୍କୁଲ କାର୍ଯ୍ୟ ସମୀକ୍ଷା



ବିଧାୟକ ସ୍ମାର୍ଟ ସ୍କୁଲ କାର୍ଯ୍ୟ ବୁଲି ଦେଖୁଛନ୍ତି।

**ରାଇକିଆ,୨।୧୦(ଡି.ଏନ୍.ଏ)**

ରାଇକିଆ ବିଜୟ ହାଇସ୍କୁଲକୁ ସ୍ମାର୍ଟ ସ୍କୁଲ ଭାବେ ରୂପାନ୍ତରୀକରଣ କାର୍ଯ୍ୟକୁ ଶୁକ୍ରବାର ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ସମୀକ୍ଷା କରିଛନ୍ତି। ବିଦ୍ୟାଳୟର ଇ ଲାଇବ୍ରେରୀ, ଗାର୍ଡେନ, ସ୍ମାର୍ଟ୍ କ୍ଲାସ୍ ରୁମ୍, କମ୍ପ୍ୟୁଟର ଲାବ୍ ସବୁ ବୁଲି ଦେଖିବା ସହ ଏହା କିପରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସରିବ ସେ ନେଇ ସମୀକ୍ଷା ମଧ୍ୟ କରିଥିଲେ। ମୋ ସ୍କୁଲ କମିଟିର ବିଦ୍ୟାଳୟର ପୂରାତନ ଛାତ୍ରଙ୍କ ସହ ଏକ ବୈଠକରେ ଭାଗ ନେଇ ଏହାର ଉନ୍ନତିକରଣ ପାଇଁ ଅନ୍ୟାନ୍ୟ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ନୂତନ ଭାବେ ଲାଗିଥିବା ଏଲ୍‌ଇଡି ଟିଭିକୁ ଦେଖି ଅସନ୍ତୋଷ ପ୍ରକାଶ କରିବା ସହ ଏହାଠାରୁ ଉତ୍କର୍ଷ ମାନର ଟିଭି ଯେପରି ଲାଗିବ ସେ ନେଇ ଆଲୋଚନା କରିବେ ବୋଲି କହିଥିଲେ। ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ମୋ ସ୍କୁଲ କମିଟି ସଭାପତି ପ୍ରଦୀପ ପ୍ରଧାନ, ସରପଞ୍ଚ ପଞ୍ଚୁ ପ୍ରଧାନ, ଜିଲା ପରିଷଦ ସଭ୍ୟ ମୃତ୍ୟୁଞ୍ଜୟ ପାତ୍ରଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ ପୁରାତନ ଛାତ୍ର ଉପସ୍ଥିତ ଥିଲେ।

## ଖୋଲା ହେଲା ବରାଳ ଦେବୀଙ୍କ ଦାନହୁଣ୍ଡି

**ଖଜୁରିପଡ଼ା/ବଲସକୁମ୍ପା, ୨।୧୦(ଡି.ଏନ୍.ଏ.)**

ଖଜୁରିପଡ଼ା ବ୍ଲକ ବଲସକୁମ୍ପାଠାରେ ଅବସ୍ଥିତ ମା' ବରାଳ ଦେବୀଙ୍କ ଦାନହୁଣ୍ଡି ଶୁକ୍ରବାର ଖୋଲାଯାଇଛି। ଖଜୁରିପଡ଼ା ତହସିଲଦାର ସ୍ୱପ୍ନିତା ନାୟକଙ୍କ ଅଧ୍ୟକ୍ଷତାରେ ରାଜସ୍ୱ ନିରୀକ୍ଷକ ଅଧିକାରୀ ସବିତା ନାୟକ ଓ ଅମିୟ ଭୂଷଣ ରାମ, ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କହଁର, ବଲସକୁମ୍ପା ଗ୍ରାମ ପଞ୍ଚାୟତ ସରପଞ୍ଚ ଅଜୟ କୁମାର ମଲ୍ଲିକ ଓ ମନ୍ଦିର ପରିଚାଳନା କମିଟି ସଭାପତି ଚିତ୍ତରଞ୍ଜନ ପ୍ରଧାନ, ସମ୍ପାଦକ ସଞ୍ଜୟ କହଁର ପ୍ରମୁଖ ଉପସ୍ଥିତ ଥାଇ ମା' ବରାଳ ଦେବୀ ମନ୍ଦିରର ଦାନହୁଣ୍ଡି ଖୋଲାଗଲା। ଚଳିତ ବର୍ଷ ଦାନ ୭୬,୪୩୪ ଟଙ୍କା ସମସ୍ତଙ୍କ ସମ୍ମୁଖରେ ଗଣି ରାଜସ୍ୱ ନିରୀକ୍ଷକ ଅଧିକାରୀ ଅମିୟ ଭୂଷଣ ରାମଙ୍କୁ ମାଁ ବରାଳ ଦେବୀଙ୍କ ବ୍ୟାଙ୍କ୍ ସଞ୍ଚୟ ଖାତାରେ ଟଙ୍କା ବାନ୍ଧିବା ପାଇଁ ହସ୍ତାନ୍ତର କରାଯାଇଛି। ଦାନହୁଣ୍ଡି ଖୋଲିବା ସମୟରେ ସାମାଜିକ ଦୂରତା, ମାସ୍କ ଓ ସାନିଟାଇଜର୍ ବ୍ୟବହାର କରାଯାଇଥିଲା ଏବଂ ମନ୍ଦିର ପରିସରକୁ ଡିମାର୍କେଶନ କରାଯାଇଥିଲା। କୋଭିଡ୍ ନିୟମାନୁଯାୟୀ ଚଳିତବର୍ଷ ମହାନବମୀ ଓ ଦଶହରା ପୂଜା ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂଜାରେ ମନ୍ଦିର ଚତୁଃପାର୍ଶ୍ୱ କପଡ଼ା ଓ ବାଉଁଶରେ ବ୍ୟାରିକେଡ୍ କରି ପୂଜା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ମନ୍ଦିର ପରିଚାଳନା କମିଟି ସଭାପତି ଚିତ୍ତରଞ୍ଜନ ପ୍ରଧାନ ଓ ସମ୍ପାଦକ ସଞ୍ଜୟ କହଁର ପ୍ରକାଶ କରିଛନ୍ତି।



ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା।

### ଗାଡ଼ି ଧକ୍କାରେ କୃଷ୍ଣସାର ମୃଗ ମୃତ

**ପାତ୍ରପୁର,୨।୧୦(ଡି.ଏନ.ଏ.)**

ସାମନ୍ତିଆପଲ୍ଲୀ ବନାଞ୍ଚଳ ଅନ୍ତର୍ଗତ କେଲୁଆ ମର୍ଦ୍ଦରାଜପୁର ମୁଖ୍ୟ ରାସ୍ତା ମଧ୍ୟରେ ଶନିବାର ଏକ ଗାଡ଼ି ଧକ୍କାରେ କୃଷ୍ଣସାର ମୃଗର ମୃତ୍ୟୁ ଘଟିଛି। ମୃଗଟି ଖାଦ୍ୟ ଅନ୍ୱେଷଣରେ ବୁଲୁଥିବା ବେଳେ କୌଣସି ଗାଡିର ଧକ୍କାରେ ମୃଗଟିର ମୃତ୍ୟୁ ହୋଇଥାଇ ପାରେ ବୋଲି ଅନୁମାନ କରାଯାଉଛି। ବନବିଭାଗ ମୃଗଟିର ମୃତ ଶରୀରକୁ ଜବତ କରି ବ୍ୟବଚ୍ଛେଦ କରିବା ପାଇଁ ପଠେଇଥିବା ସାମନ୍ତିଆପଲ୍ଲୀ ରେଞ୍ଜର ରଜତ କୁମାର ମିଶ୍ର ପ୍ରକାଶ କରିଛନ୍ତି।

## ଆର୍‌ଆଇ ଅଫିସରୁ ଚୋରି ମାମଲା, ୬ ଗିରଫ

**ହିଞ୍ଜିଳିକାଟୁ,୨।୧୦(ଡି.ଏନ୍.ଏ)**

**୨ ଲାପ୍‌ଟପ୍, ପ୍ରିଣ୍ଟର ଜବତ**

ହିଞ୍ଜିଳିକାଟୁ ତହସିଲ ଅନ୍ତର୍ଗତ ବଡ଼ଖଣ୍ଡି ରାଜସ୍ୱ ଅଧିକାରୀଙ୍କ ଅଫିସରୁ ଚୋରି ଘଟଣାରେ ପୋଲିସ ଶନିବାର ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶେରଗଡ଼ ଥାନା ଠୁରୁବୁରାଇର କୃଷ୍ଣ ଚନ୍ଦ୍ର ସାହୁ, ରାଧା ଗୋବିନ୍ଦ ସ୍ୱାଇଁ, କୁରୁଳାର ସୁନୀଲ ପାଢ଼ୀ, ହିଞ୍ଜିଳିକାଟୁ ବଇଁଚବଣିଆ ଗଜପତି ମାର୍ଗର ଦୟାନିଧି ପାଣିଗ୍ରାହୀ, ବଇଁଚବଣିଆ ନେତାଜୀ ମାର୍ଗର ମନୋଜ କୁମାର ସାହୁ ଓ ପୋଡ଼ିଙ୍ଗିର ବାବୁଲା ସ୍ୱାଇଁ। ଅଭିଯୁକ୍ତମାନଙ୍କଠାରୁ ଚୋରି ହୋଇଥିବା ଗ୍ୟାସ ହାଣ୍ଡି, ୨ ଲାପଟପ୍, ୪ ପ୍ରିଣ୍ଟର, ଗୋଟିଏ ଇନ୍‌ଭେଟର ଓ ବ୍ୟାଟେରି, ଫ୍ୟାନ ଜବତ କରାଯାଇଛି। ଏ ନେଇ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆସିକା ଏସ୍‌ଡିପିଓ ଉମା ଶଙ୍କର ସିଂ, ଆଇଆଇସି ଅଭିମନ୍ୟୁ ଦାଶ ଓ ଏସ୍‌ଆଇ ବାସୁଦେବ ଭୋଇ ଉପସ୍ଥିତ ରହି ସୂଚନା ଦେଇଛନ୍ତି। ଗତ ୧୦ ତାରିଖରେ ବଡ଼ଖଣ୍ଡି ରାଜସ୍ୱ ନିରୀକ୍ଷକଙ୍କ ଅଫିସରୁ ଦୁର୍ବୃତ୍ତମାନେ କାର୍ଯ୍ୟାଳୟର ତାଲା ଭାଙ୍ଗି ୨ ଲାପଟପ, ୨ ପ୍ରିଣ୍ଟର, ଗ୍ୟାସ୍ ସିଲିଣ୍ଡର ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିବା ନେଇ ଆରଆଇ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୮୭/୨୧ରେ ମାମଲା ରୁଜୁ କରି ଉକ୍ତ ଘଟଣାର ତଦନ୍ତ ଚଳାଇଥିଲା।

## କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ

**ଫୁଲବାଣୀ ଅଫିସ, ୨।୧୦**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଡିମିରିଗୁଡା ପଞ୍ଚାୟତ ଶ୍ରୀପଲା ଗାଁରେ ଶୁକ୍ରବାର ବିଦ୍ୟୁତ୍ ଆଘାତରେ ବାଡିଗୁଡା ଗାଁର ବିଶ୍ୱାମିତ୍ର କହଁର ମୃତ୍ୟୁବରଣ କରିଥିଲେ । ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଶନିବାର ଲୋକେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ । ନୂଆପଦର-ଫିରିଙ୍ଗିଆ ରାସ୍ତାରେ ଟାୟାର ଜାଳି ଅବରୋଧ କରିବା ସହ ନୂଆଁପଦରଠାରେ ଥିବା ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିଥିଲେ। ଘଟଣାସ୍ଥଳରେ ଫିରିଙ୍ଗିଆ ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ହେଁ ଲୋକେ ଆନ୍ଦୋଳନରୁ ଓହରି ନ ଥିଲେ। ଦୀର୍ଘ ୭ ଘଣ୍ଟା ଅତିବାହିତ ହେବାପରେ ଫିରିଙ୍ଗିଆ ବିଡିଓ ରଶ୍ମିରଞ୍ଜନ ମହନ୍ତ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟୁତ୍ ବିଭାଗ ପକ୍ଷରୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ସହ ପରିବାରର ଜଣକୁ ଚାକିରି ଦେବା, ମୃତକଙ୍କ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା ଓ ଏକ ଆବାସ ଯୋଗାଇ ଦେବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଲାପରେ ଲୋକେ ଧାରଣାରୁ ହଟିଥିଲେ । ସୂଚନାଯୋଗ୍ୟ, ଶୁକ୍ରବାର ବିଶ୍ୱାମିତ୍ର ଗାଁ ପାଖ ଶ୍ରୀପଲା ଗାଁ ନିକଟରେ ବିଦ୍ୟୁତ ଖୁଣ୍ଟରେ ଚଢି କାମ କରୁଥିଲେ । ହଠାତ୍ ବିଦ୍ୟୁତ୍ ଚାର୍ଜ ହେବାରୁ ପୋଲରୁ ତଳକୁ ଖସି ପଡିଥିଲେ । ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ସେ ଦୀର୍ଘ ୧୫ ବର୍ଷ ଧରି ଡିମିରିଗୁଡା ଅଞ୍ଚଳରେ ବିଦ୍ୟୁତ୍ ବିଭାଗ କର୍ମଚାରୀମାନଙ୍କ ସହ ବେସରକାରୀ ଭାବେ କାମ କରି ଆସୁଥିଲେ ।



ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି ।

**ଯୁବକଙ୍କ ମୃତ୍ୟୁ ଘଟଣା**

## ଆନ୍ଧ୍ର ମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ପାରଳାଖେମୁଣ୍ଡି,୨।୧୦(ଡି.ଏନ୍.ଏ.)**

**ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିଲେ ରାଜ୍ୟ ନାଗରିକ ମହାମଞ୍ଚର ଅଧ୍ୟକ୍ଷ**

ରାଜ୍ୟ ନାଗରିକ ମହାମଞ୍ଚର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀଙ୍କ ନେତୃତ୍ୱରେ ଏକ ଟିମ ଶୁକ୍ରବାର ଗଜପତିରେ ପହଞ୍ଚି ବିଭିନ୍ନ ସଙ୍ଗଠନ ସହ ଆଲୋଚନା କରିଥିଲେ। ଶନିବାର ଏହି ପ୍ରତିନିଧି ଦଳ ଗଜପତି ଜିଲା ରାୟଗଡ଼ ବ୍ଲକର ଗଙ୍ଗାବାଡ଼ ପଞ୍ଚାୟତ ଗୁଡିଖୁଡ଼ୀ ଗ୍ରାମରେ ପହଞ୍ଚି ସୀମା ବିବାଦ ଅଞ୍ଚଳର ସ୍ଥିତି ପରଖିବା ପରେ ସନ୍ଧ୍ୟାରେ ପାରଳାଖେମୁଣ୍ଡି ଆରକ୍ଷୀ ଅଧିକ୍ଷକ ଜୟରାମ ଶତପଥୀଙ୍କୁ ଭେଟି ଆନ୍ଧ୍ରର ମନ୍ତ୍ରୀ ଏସ୍ ଆପଲା ରାଜୁଙ୍କ ବିରୋଧରେ ଏକ ଏତଲା ଦେଇଛନ୍ତି। ଏହି ଏତଲା ଦେବା ସମୟରେ ସିତାବଲଭ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବିଜୟ ପରିଡ଼ା, ମୁରଲୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏତଲାରେ ସେ ଦର୍ଶାଇଛନ୍ତି ଯେ, ଗତ ୯ରେ ମାଣିକପାଟଣାଠାରେ ଓଡ଼ିଶା ପ୍ରଶାସନର ଏକ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଆନ୍ଧ୍ରପ୍ରଦେଶର ସମ୍ପୃକ୍ତ ମନ୍ତ୍ରୀ ଗାଳି ଗୁଲଜ କରିବା ସହ ଓଡ଼ିଶା ମାଟିରେ ଠିଆ ହୋଇ ଓଡ଼ିଶାର ପ୍ରଶାସନିକ ଅଧିକାରୀଙ୍କୁ ଯେଉଁ ଭଳି ଭାବରେ ଧମକ ଦେଇଥିଲେ। ଏହି ଘଟଣାକୁ ପାଖାପାଖି ଗୋଟିଏ ମାସ ବିତିବାକୁ ଯାଉଛି କିନ୍ତୁ ଗଜପତି ଜିଲା ପ୍ରଶାସନ କିମ୍ବା ଓଡିଶା ସରକାର କୌଣସି ପଦକ୍ଷେପ ନେଇନାହାନ୍ତି କିନ୍ତୁ ଆନ୍ଧ୍ର ପୋଲିସ ଓଡ଼ିଶାର ପଞ୍ଚାୟତ ପ୍ରତିନିଧିଙ୍କ ବିରୋଧରେ ମାମଲା ରୁଜୁ କରିଛି। ଆନ୍ଧ୍ର ମନ୍ତ୍ରୀ ଓଡ଼ିଆ ପ୍ରଶାସନିକ ଅଧିକାରୀଙ୍କୁ କରିଥିବା ବ୍ୟବହାର ସଙ୍ଘୀୟ ବ୍ୟବସ୍ଥାରେ ଗ୍ରହଣୀୟ ନୁହେଁ। ତେଣୁ ତୁରନ୍ତ ଆନ୍ଧ୍ରପ୍ରଦେଶ ମନ୍ତ୍ରୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।




ରାଜ୍ୟ ନାଗରିକ ମହାମଞ୍ଚର ଏକ ପ୍ରତିନିଧିଦଳ ଗଙ୍ଗାବାଡ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।